RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE

ନଭେମ୍ବର ୨୦୧୭
ମୂଲ୍ୟ : ୨୫ ଟଙ୍କା




NEET RESULTS - 2017
THEY TRUST ...WE CONVERT THEIR TRUST into GRAND SUCCESS
JN'S BIOLOGY
sprouting the hidden talent
MEDICAL +2 Sc.(Int.)
Biswaranjan Mark-605 Roll No-907122797
Tabish Mark-598 Roll No-907100778
Arup priyadarshan Mark-584 Roll No-907110729
Anupam Mark-544 Roll No-907106661
Arunodaya Nagar, Cuttack -12, CDA (in Front of the DAV School), Cuttack
Plot No :81, Satya Nagar, Bhubaneswar
Ph.:0671-2324833, 9439799689, 8984849460





*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ

**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ତୃତୀୟ ବର୍ଷର ଅଷ୍ଟମ ଅର୍ଘ୍ୟ 'ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ରୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ‘ପ୍ରାଚୀ’ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ ‘ପ୍ରାଚୀ’ ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । ‘ପାଗଳ’ ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-3, November 2017, Issue No. VIII
RNI No. : ODIODI/2015/64435
P.R. No. : CK(C)/96/2016-2018

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ବନଲତା ସିଂହ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ ।

Declaration
Edited, Published & Owned by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଏଇ ସଂଖ୍ୟାରେ...

- ଲଘୁ ଆଲୋଚନା - କି ହେବ ରାବଣ ପୋଡ଼ିଲେ
  ଜୟନ୍ତୀ ବାରିକ ୦୭
- ତାଲିକା
  ସଚ୍ଚିଦାନନ୍ଦ କର ୦୯
- ସାମ୍ପ୍ରତିକ ପରିପ୍ରେକ୍ଷିରେ ନାରୀର କର୍ତ୍ତବ୍ୟବୋଧ
  କୁନ୍ଦଲତା ତ୍ରିପାଠୀ ୧୧
- ପାପ ପ୍ରେତାତ୍ମା
  ଦିପୁନ୍ ପୁହାଣ ୧୩
- ତଥାପି ଅପେକ୍ଷା କରାଯାଉ
  ଡାକ୍ତର ବିଜୟାନନ୍ଦ ସିଂହ ୧୬

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mob. : 9124887605
9583390776

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଯଥା ସମ୍ଭବ ଚେଷ୍ଟା କରନ୍ତୁ ଲେଖାଟିକୁ ଆକୃତିରେ ଟାଇପ୍ କରି ଦିଅନ୍ତୁ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ......................................................................
ଠିକଣା .............................................. ପିନ୍‌କୋର୍ଡ୍ ..............................
ମୋବାଇଲ୍ ନମ୍ବର ...................................... ଇ-ମେଲ୍ ..............................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................. ତାରିଖ.......................................
ବ୍ୟାଙ୍କ୍.................................. ସ୍ଥାନ.......................................
ତାରିଖ.................................. ଦସ୍ତଖତ.......................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬
E-mail : pracheepatrika@rediffmail.com, Web. : www.pracheevoice.in

# ଲଘୁ ଆଲୋଚନା - କି ହେବ ରାବଣ ପୋଡ଼ିଲେ

- ଜୟନ୍ତୀ ବାରିକ୍

ଏଇ ଅଳ୍ପ କିଛି ଦଶନ୍ଧି ହେବ ଦଶହରା ପରଦିନଟିକୁ ରାବଣପୋଡ଼ି ଉତ୍ସବ ରୂପେ ମନେଇବାକୁ ଆମେ ବେଶ୍ ତତ୍ପର ହୋଇଉଠୁଛେ । ଏଥିପାଇଁ ଏକ ରକମ୍ ପ୍ରତିଯୋଗିତା ଚାଲିଥାଏ, କିଏ କେତେ ଶୁଭେଚ୍ଛୁ ରାବଣର ପ୍ରତିମୂର୍ତ୍ତି ସ୍ଥାପନକରି କେତେ ଆତଶବାଜୀ ଫୁଟାଇ କେଉଁ ମନ୍ତ୍ରୀଙ୍କୁ ସଭାମଣ୍ଡିତ କରାଇବେ ବୋଲି । କୁହନ୍ତୁତ ଜ୍ଞାନୀ ଗୁଣିଜନ, ଏ ନଡ଼ା, କାଷ୍ଠରେ ତିଆରି ରାବଣର ନିର୍ଜିବ ପ୍ରତିମୂର୍ତ୍ତିରେ ଅଗ୍ନିସଂଯୋଗ କରି ଧ୍ୱଂଶ କରିଦେଲେ କ'ଣ ଆମ ଭିତରୁ ହିଂସା, ଦ୍ୱେଷ, ଗର୍ବ, ଅହଂକାର, କ୍ରୋଧ ଭଳି ନକାରାତ୍ମକ ଚିନ୍ତାଧାରା ସବୁ ଦୂରିଭୂତ ହେବ ? ନା କାହିଁକି ନା ଅନେକ ପୂର୍ବରୁ ଏ ଉତ୍ସବ ପାଳନ ହେଉଥିଲେ ବି, ଏହାର ପ୍ରଭାବ ବ୍ୟକ୍ତି ଚରିତ୍ରରେ ତ ପଡୁନାହିଁ, କି ଚରିତ୍ର ସଂହାର ହେଉନାହିଁ । ଏହାଦ୍ୱାର ବରଂ ଆହୁରୀ କ୍ରୋଧ, ହିଂସା ବୃଦ୍ଧିପାଉଛି । ଆତଶବାଜୀର ଶବ୍ଦ ତରଙ୍ଗରେ ପରିବେଷ ପ୍ରଦ୍ୟୁଷିତ ହେଉଛି, ଚାନ୍ଦା ଆଦାୟ ନାମରେ କଳହ ଉପୁଜୁଛି ଶେଷରେ ଭାଇଚାରାରେ ଫାଟସୃଷ୍ଟି ହେଉଛି । ରାବଣର ଆଶୁରିକ ପବୃତ୍ତି ଭଳି ହତ୍ୟା, ନରହନ୍ତା, ଇର୍ଷା କରିବାକୁ ମଣିଷ ପଶ୍ଚାତ୍ପଦ କରୁନାହିଁ । ତ୍ରେତୟାଯୁଗର ସ୍ୱର୍ଣ୍ଣମୟ ଲଙ୍କାକଟକର ମଉଡ଼ମଣି ତ୍ରୀଭୁବନବିଜୟୀ ଦଶାନନ ମତ୍ତ ଗର୍ବରେ ଅନ୍ଧହୋଇ ହେଇପାରେ ଦୂରାଚାରୀ, ପାମର ମାତ୍ର ସାଂପ୍ରତିକ ସମାଜରେ ଏମିତି କିଛି ଚରିତ୍ର ଅଛନ୍ତି ଯିଏକି ରାବଣଠୁ ବି ବେଶି ଭୟଙ୍କର ଭ୍ରଷ୍ଟାଚାରୀ ଓ ବ୍ୟାଭିଚାରୀ ।

ରାବଣଥିଲା ମହାଜ୍ଞାନୀ, ଗୁଣି ପଣ୍ଡିତ ବିଶ୍ରବାଋଷିଙ୍କ ସନ୍ତାନ । ତେଣୁ ମର୍ଯ୍ୟାଦାପୁରୁଷ ରାମଚନ୍ଦ୍ର ସେତୁବନ୍ଧ ପ୍ରତିଷ୍ଠା ନିମନ୍ତେ ରାବଣଙ୍କୁ ହିଁ ଆଚାର୍ଯ୍ୟରୂପେ ବରଣ କରିଥିଲେ । ରାବଣ କ୍ରୋଧ, ମତ୍ତ ଗର୍ବରେ ଅନ୍ଧହୋଇ ଯେଉଁ ପାପ କରୁଥିଲା ପ୍ରାୟଶ୍ଚିତ ପାଇଁ ସେତୁବନ୍ଧ ପ୍ରତିଷ୍ଠାପରେ ଦକ୍ଷିଣା ସ୍ୱରୂପ ରାମଙ୍କ ହସ୍ତରେ ମୃତ୍ୟୁବରଣ କରିବ ବୋଲି ଭିକ୍ଷା ମାଗିଥିଲା । କୌଣସି ନା କୌଣସି ସମୟରେ ସେ ଜାଣିପାରେ ସେ ପାପିଷ୍ଠ ବୋଲି, ମାତ୍ର କଳିଯୁଗର ମୁଖାପିନ୍ଧି ଚରିତ୍ରମାନେ ନିଜକୁ ଅନୁଧ୍ୟାନ ନକରି ପାପାସକ୍ତ ହୋଇ, କାମନାରେ ଅନ୍ଧହୋଇ ନାବାଳିକାକୁ ଧର୍ଷଣ କରିବାଠୁ ଆରମ୍ଭ କରି ଏକ ତରଫା ପ୍ରେମକରି ଏସିଡ୍‌ଫିଙ୍ଗିବା, ତର୍ଣ୍ଟି ଚିପି ହତ୍ୟାକରି ଫିଙ୍ଗିଦେବା, ନାରୀସହିତ ହିଂସ୍ର ଓ ଅଶ୍ଳୀଳ ଆଚରଣ କରିବାକୁ ପଶ୍ଚାତ୍ପଦ ହୁଅନ୍ତି ନାହିଁ । ଏଇମାନେତ କାପୁରୁଷ, ତ୍ରେତୟା ଯୁଗର ରାବଣ ଜାଣିଥିଲା ନାରୀ ହିଁ ଶକ୍ତିର ପ୍ରତୀକ, ପ୍ରତ୍ୟେକ ନାରୀ ମାତୃସମାନ । ଉଦାହରଣ ସ୍ୱରୂପ - ଭଗ୍ନିପ୍ରେମରେ ଅନ୍ଧହୋଇ ରାବଣ ପ୍ରତିଶୋଧ ପରାୟଣ ହୋଇ ଅବଶ୍ୟ ସୀତାଙ୍କୁ ଚୋରି କରିଥିଲା । ମାତ୍ର ସସମ୍ମାନେ ନେଇ ସୁରମ୍ୟ ବନାନୀ ଅଶୋକବନରେ, ଅନେକ ଅଶୁରୀଙ୍କ ମେଳରେ ତ୍ରିଜଟା (ବିଭିଷଣ କନ୍ୟା)ର ତତ୍ତ୍ୱାବଧାନରେ ସୁରକ୍ଷିତଭାବେ ସୀତାଙ୍କୁ ବନ୍ଧନ କରି ରଖିଥିଲେ ବି, କେବେବି ସ୍ପର୍ଶ କରିନଥିଲା । ପ୍ରାତଃକାଳେ ରାବଣ ଅନ୍ତଃପୁରୀରୁ ଆଶି ସୀତାଙ୍କୁ

ସାଷ୍ଟାଙ୍ଗେ ପ୍ରଣାମ କରୁଥିଲା, ଦେବୀ ମା' ବୋଲି । ଯେହେତୁ ରାବଣ ନିକସା ରାକ୍ଷସୀ ଗର୍ଭରୁ ଜନ୍ମ ନେଇଥିଲା, ତେଣୁ ଅଶୁର ସ୍ୱଭାବ ତ ନିଶ୍ଚୟ ରହିବ ଗୁଣସୂତ୍ର ଅନୁଯାୟୀ ଅନେକ ରାମାୟଣରେ କଥା ଅଛି ରାବଣ ରାମଙ୍କ ହସ୍ତରେ ସ୍ୱର୍ଗ ପ୍ରାପ୍ତିହେବ ବୋଲି ଜାଣିଶୁଣି ସତୀ ସୀତାଙ୍କୁ ଅନତି ଦୂରରେ ଥାଇ ପ୍ରେମ ନିବେଦନ କରୁଥିଲା । "ଏ ସୁନ୍ଦରୀ ମତେ ବରଣ କର, ଏ ସ୍ୱର୍ଣ୍ଣମୟ ଲଙ୍କା କଟକରେ ମହାରାଣୀ ହୋଇ ରହିବୁ ମନ୍ଦୋଦରୀ ତୋର ପାଦସେବା କରିବ, ସେ ଜଟାଧାରୀ ବନବାସୀ ରାମ ପାଖରେ କ'ଣ ଅଛି ?" ଏ ଉକ୍ତିରୁ ଜଣାପଡ଼େ, ରାବଣ ଅଶୁର ହେଲେବି, ନାରୀ ମାଂସ ଲୋଭୀ ନଥିଲା । ମାତ୍ର କଳିଯୁଗରେ ଆମ ସମାଜରେ ଏମିତି ନରାଧମ ରାକ୍ଷସ ଅଛନ୍ତି ଯେ କି ବିନା ଦ୍ୱିଧାରେ ନାରୀର ରକ୍ତ, ମାଂସକୁ ତିଳ ତିଳକରି ଶୋଷିଚାଲିଛନ୍ତି ଆତ୍ମଶାନ୍ତି ହେବା ଯାଏ । ସ୍ଥାନ, କାଳ, ପାତ୍ର, ଜନନୀ, ଭଗିନୀ, ଜାୟା ଭୁଲି ପିଶାଚମାନେ ତୁମୁଳ କାଣ୍ଡ ଘଟାଉଛନ୍ତି । ତେଣୁ ତ୍ରେତୟା ଯୁଗର ରାବଣ ଠାରୁ ଏମାନେ କମ୍ ନୁହଁନ୍ତି । କହିବାର ବାହୁଲ୍ୟ ଯେ, ନଡ଼ାକାଷ୍ଠରୂପି ରାବଣ ସ୍ଥାପନ କରି ଅଗ୍ନିସଂଯୋଗ କରିବା ପରିବର୍ତ୍ତେ ନିଜ ବିବେକ, ଆତ୍ମା ମନ ଓ ମାନସିକତା ଉପରେ ଯଦି ସଂଯମତାର ଦ୍ୱୀପଟିଏ ଜାଳି ଦିଅନ୍ତେ, ଏଇ କାମୁକ କାମାନ୍ଧମାନେ, ନିଶ୍ଚୟ କୁ ପଥରୁ ସୁ ପଥଗାମୀ ହେବା ସହିତ ସମାଜରେ ଶାନ୍ତି, ମୈତ୍ରୀ, ଭାଇଚାରାର ଏକ ସୁଉଚ୍ଚ ଅଟାଳିକା ଦଣ୍ଡାୟମାନ ହୁଅନ୍ତା । ସେ ଶାନ୍ତିର ଅଟାଳିକାରେ ଲେଖାହୁଅନ୍ତା "ବସୁଧୈବ କୁଟମ୍ବକମ୍" । ଆଗାମୀ ପିଢ଼ିମାନଙ୍କ ପାଇଁ ଏ ବାର୍ତ୍ତା ଆଣି ଦିଅନ୍ତା ନିଶ୍ଚୟ ଆମେ ସମସ୍ତେ ଭାରତୀୟ ...... ମେରା ଭାରତ ମହାନ୍... ।

ସାର୍ତ୍ତୋଳ, ନୂଆବଜାର, କଟକ
ମୋ - ୭୫୪୦୯୧୫୧୬୨

AK PHYSICS

Apprise Education, Reprise Innovation

+2 Sc. I CBSE (XI & XII)
JEE (Main & Adv.) I NEET I AIIMS
JIPMER I BHU I KVPY
NTSE I OLYMPIAD I NISER I IISER



SURYALOKA LANE, CHANDI CHHAK, CUTTACK
ARUN KUMAR SINGH (Lect. in Physics), MOB. : 98610 65130

# ତାଲିକା

ସଚ୍ଚିଦାନନ୍ଦ କର

ଯଦି ମୁଁ ଆଜି ମରିଯାଏ, ଏ ଦୁନିଆରେ କ'ଣ କ'ଣ ସବୁ ଛାଡ଼ିଯିବି ?

ଦିନେ ସକାଳେ ଚା ପିଇ ସାରିବା ପରେ ଏମିତି ଗୋଟେ ଅଜବ ପ୍ରଶ୍ନ ରାଜେନ୍ଦ୍ର ବାବୁଙ୍କ ମୁଣ୍ଡକୁ ଆସିଗଲା । ସେ ତତ୍‌କ୍ଷଣାତ୍ ଖଣ୍ଡେ କାଗଜ ଆଣି ସେ ସବୁର ତାଲିକା କରି ବସିଲେ । ତାଙ୍କ ତାଲିକାଟି ଥିଲା ଏହିପରି :

୧ - ସୁନ୍ଦରୀ ସ୍ତ୍ରୀ, ପୁଅବୋହୂ, ଝିଅଜ୍ୱାଇଁ, ନାତିନାତୁଣୀ

୨ - ସୁନା, ରୂପା, ହୀରାର କିଛି ଅଳଙ୍କାର

୩ - ବ୍ୟାଙ୍କ୍‌ରେ ଜମାଥିବା ଟଙ୍କା

୪ - ସୁରମ୍ୟ ପ୍ରାସାଦ ଓ ସେଥିରେ ଥିବା ସମସ୍ତ ଆସବାବ ପତ୍ର

୫ - ଦୁଇ ଚକିଆ ଓ ଚାରିଚକିଆ ଗାଡ଼ି

୬ - କିଛି କବିତା ସଙ୍କଳନ ଓ ପଶସ୍ତି ପତ୍ର

୭ - ପୋଷା କୁକୁର

୮ - ସଂପର୍କୀୟ, ବନ୍ଧୁବାନ୍ଧବ, ସାଙ୍ଗ, ମିତ୍ର, ଶତ୍ରୁ, ରୋଗ, ସହୋଦର ଭାଇଭଉଣୀ ଇତ୍ୟାଦି....

ଲେଖି ସାରିବା ପରେ ତାଲିକାଟିକୁ ଦୁଇଥର ପଢ଼ିଲେ ସେ । ଆଉ କିଛି ଛାଡ଼ିଗଲେ କି ବୋଲି ଭାବିବାକୁ ଲାଗିଲେ ।

- କବିତା ଲେଖୁଛ ବୋଧହୁଏ ? ଦେଖିବା କି କବିତା ଆଜି ଲେଖିଛ ? ପତ୍ନି ସୁଭଦ୍ରା ପାଖରେ ପହଞ୍ଚି ତାଙ୍କଠାରୁ କାଗଜଟି ଛଡ଼ାଇନେଲେ । ନେଇ ପଢ଼ିଲେ, ପଢ଼ିସାରି ଆଶ୍ଚର୍ଯ୍ୟ ଭଙ୍ଗୀରେ ଚାହିଁ କହିଲେ - ଇଏ କି କବିତା ଲେଖିଛ ? ତୁମ ମୁଣ୍ଡ ଖରାପ ହୋଇଗଲାଣି ନା କ'ଣ ?

ରାଜେନ୍ଦ୍ର ବାବୁ ଈଷତ୍ ହସି କହିଲେ - ନାଇଁ, ନାଇଁ, ସେଇଟା କବିତା ନୁହେଁ । ମୁଁ ଗୋଟେ ତାଲିକା କରୁଥିଲି !

– 'ବୁଝିଲ, ମୁଁ ଦେଖୁଛି ସତରେ ତୁମ ମୁଣ୍ଡ ଖରାପ ହୋଇଗଲାଣି । ଏ ତାଲିକା ଯଦି ଚୋର, ଖଣ୍ଟ ଙ୍କ ହାବୁଡ଼ରେ ପଡ଼ିଯାଏ, ତା' ହେଲେ ସେମାନେ ଏ ସବୁ ନେବାକୁ ତୁମକୁ ଜୀବନରୁ ମାରିଦେବେ ନିଶ୍ଚୟ । ସୁଭଦ୍ରା ସାମାନ୍ୟ ବିରକ୍ତିର ସ୍ୱରରେ କହିଲେ ।

ରାଜେନ୍ଦ୍ର ବାବୁ ହସି ହସି କହିଲେ - ତାଲିକା ମୁଁ ଚୋର, ଖ ଣ୍ଟ ଙ୍କ ପାଇଁ କରିନାହିଁ । ମୋ ପାଇଁ କରିଛି, ଯଦି ଆଜି ମରିଯାଏ ତେବେ କ'ଣ କ'ଣ ଏ ସଂସାରରେ ଛାଡ଼ିଯିବି ସେଇ ସବୁ ବିଷୟ ଲେଖିଛି ସେଥିରେ । ତୁମେ ରାଗୁଛ କାହିଁକି ?

- 'ଶୁଣିଥିଲି କବିମାନେ ପାଗଳ, ଦେଖୁଛି ସତରେ ତୁମେ ଗୋଟେ ପାଗଳ' । ଏତିକି କହିଦେଇ ତାଲିକା କାଗଜଟିକୁ ରାଜେନ୍ଦ୍ର ବାବୁଙ୍କ ଉପରକୁ ଫିଙ୍ଗିଦେଇ ସେଠାରୁ ହୁମ୍‌ଦୁମ୍ ହୋଇ ଚାଲିଗଲେ ସୁଭଦ୍ରା ।

ତାଲିକା କାଗଜଟିକୁ ହାତକୁ ଆଣିଲେ ରାଜେନ୍ଦ୍ର ବାବୁ । ତା'ଉପରେ ନଜର ପକାଇଲେ ।

- ରାଜେନ୍ଦ୍ର ! କି ତାଲିକା କରୁଛୁ କିରେ ?

ସେ ମୁଣ୍ଡଟେକି ଚାହିଁ ଦେଖିଲେ ନିଜ ସାମ୍ନାରେ ନିଜେ ହିଁ ଠିଆ ହୋଇଛନ୍ତି । ହସହସ ହୋଇ କହିଲେ - ଯାହା ଛାଡ଼ିଯିବି.... ସେ ସବୁ ।

– ଏଠି ତ ସମସ୍ତେ କିଛି ନା କିଛି ଛାଡ଼ି ଯାଆନ୍ତି ।

– 'ସତ କଥା । ସେଥିପାଇଁ ମୋର ଏ ତାଲିକା ।'

–'ଭଲ... ଭଲ... । ହେଲେ ଆଉ କେତେଟା କଥା ଛାଡ଼ିଯାଇଛୁ । କହୁଛି..... ଲେଖିଦେ' ।

– 'ଛାଡ଼ି ଯାଇଛି ? କୁହ ତା' ହେଲେ ଲେଖିଦେବି !

– 'ଗର୍ବ, ଅହଂକାର, ଛଳନା, ପ୍ରତାରଣା, ଶଠତା, ଭାଣ୍ଡଗିରି, ମିଥ୍ୟା ପ୍ରବଣତା, ବାର୍ଦ୍ଧକ୍ୟ, ହୀନମନ୍ୟତା, ଲୋଭ, ହିଂସା, ଇର୍ଷା, ପରଶ୍ରୀକାତରତା, ଦାମ୍ଭିକତା, ନିର୍ବୋଧତା, ଅନ୍ୟାୟ, ଅନୀତି, ଅପକର୍ମ ଇତ୍ୟାଦି..... ଇତ୍ୟାଦି.... ।'

-'ହା.... ହା.... ହା..... । ଏ ସବୁ ଲେଖାଯାଏ କ'ଣ ?

- 'କାହିଁକି ଲେଖାଯିବନି ?

– 'ତାଲିକାଟି ଅସୁନ୍ଦର ମନେହେବ ।'

- 'ତେବେ ତୁ କ'ଣ ଗୋଟେ ସୁନ୍ଦର ତାଲିକା ଚାହୁଁ ?

– 'ହଁ, ଚାହେଁ ସେପରି ତାଲିକା ।'

- 'ତେବେ ଚିରିଦେ, ତୋର ସେ ତାଲିକା । ସାଙ୍ଗରେ ଯାହା ଯାହା ନେଇକରି ଯିବୁ ଏବେ ସେସବୁର ଗୋଟେ ତାଲିକା କର ।

– 'ଠିକ୍ କଥା' ।

ଏହାପରେ ନିଜେ ଲେଖିଥିବା ତାଲିକା କାଗଜଟିକୁ ଚିରି ଟୁକୁଡ଼ା ଟୁକୁଡ଼ା କରି ପବନରେ ଉଡ଼େଇ ଦେଲେ ରାଜେନ୍ଦ୍ର ବାବୁ । ଖୁସି ଖୁସିରେ ଆଉ ଖଣ୍ଡିଏ କାଗଜ ହାତକୁ ଆଣିଲେ । ମଲାବେଳେ ଯାହା ସାଙ୍ଗରେ ନେଇକରି ଯିବେ, ସେ ସବୁର ତାଲିକା କରିବାକୁ ପ୍ରସ୍ତୁତ ହେଲେ ।

ଘଣ୍ଟା ପରେ ଘଣ୍ଟା ବିତିଲା ହେଲେ କାଗଜରେ କିଛି ଗୋଟିଏ ବିଷୟ ଲେଖି ପାରିନଥିଲେ ସେ । ସତରେ ସାଙ୍ଗରେ ନେବା ପାଇଁ କ'ଣ ଥିଲା ଯେ ତାଙ୍କ ପାଖରେ ?

ହାତ ବାନ୍ଧି ବଡ଼ ଚିନ୍ତାରେ ବସିଥିଲେ ସେ । ଅଲେଖା କାଗଜ ଖଣ୍ଡିକ ଥିଲା ତାଙ୍କ ହାତରେ ।

- ନିର୍ମାଲ୍ୟ -

ନୂଆପଡ଼ା, ନୂଆବଜାର, କଟକ

ମୋ - ୯୮୬୧୨୧୧୦୫୧

୦୦୦

# ସାମ୍ପ୍ରତିକ ପରିପ୍ରେକ୍ଷୀରେ ନାରୀର କର୍ତ୍ତବ୍ୟବୋଧ

- କୁନ୍ତଳତା ତ୍ରିପାଠୀ

ଈଶ୍ୱରଙ୍କ କୃତିରେ ନାରୀ ଏକ ଅନୁପମ ସୃଷ୍ଟି । ନାରୀକୁ ମଧ୍ୟ ଦ୍ୱିତୀୟ ଈଶ୍ୱର କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ସେ ହିଁ ସନ୍ତାନ ସମ୍ଭବା । ଈଶ୍ୱର ଯେପରି ଏ ସୃଷ୍ଟିକୁ ସର୍ଜ୍ଜନା କଲେ । ସେଥିରେ ଜୀବ ଜଗତ ପାଇଁ ପ୍ରୟୋଜନୀୟ ଖାଦ୍ୟ ଶଶ୍ୟର ବ୍ୟବସ୍ଥା ରଖିଲେ । ପୁଣି ଆବଶ୍ୟକୀୟ ନାନା ପଦାର୍ଥ ମଧ୍ୟ ଖଞ୍ଜି ଦେଲେ । କେଉଁ ଆବାହମାନ କାଳରୁ ମୁନି ଋଷିମାନେ ମୋହିତ ହୋଇ ପଡ଼ନ୍ତି ଏହି ବିସ୍ମୟକର ଭଗବାନଙ୍କର ସୃଷ୍ଟିର ରହସ୍ୟକୁ ଭେଦ କରି ନପାରି । ଈଶ୍ୱର କିନ୍ତୁ ରହି ଯାଆନ୍ତି ପ୍ରଚ୍ଛଦପଟର ନାୟକ ସାଜି । ନାରୀ ସେହିପରି ତା ସୃଷ୍ଟିକୁ ଏକ ସଫଳ ସୃଷ୍ଟିରେ ପରିଣତ କରିବାକୁ କେତେ ଯେ ତ୍ୟାଗ ସ୍ୱୀକାର କରେ ତାହା ତାକୁ ହିଁ ଜଣା । ତା ତ୍ୟାଗ ପାଇଁ ସେ ଖୋଜି ବସେନି ମୂଲ୍ୟ । ସେବା ସୁଶ୍ରୁଷାକୁ ବଳ କରି ବିଭିନ୍ନ ଭୂମିକାରେ ସେ ତାର କର୍ତ୍ତବ୍ୟକୁ ସୂଚାରୁ ରୂପେ ନିଭାଇବାର ଅଭିଳାସ ଜାରି ରଖେ । ସେଇଥିରେ ହିଁ ତାର ଆନନ୍ଦ । ଶାସ୍ତ୍ର କୁହେ -

ହିଂସାବଳମ୍ ଅସାଧୁନାମ୍ ରାଜ୍ଞା ଦଣ୍ଡବିଧି ବଳଂ,
ସୁଶୃଶାଚ ବଳଂ ସ୍ତୀଣାଂ କ୍ଷମା ଗୁଣବତାଂବଳଂ ।

ପରମ ଶାସ୍ତ୍ର ଭାଗବତ ମଧ୍ୟ କୁହେ -

ସେବା ସୁଶୃଷା ଭକ୍ତି ବଳେ
କିବା ଅସାଧ୍ୟ ମହିତଳେ ।

ସେବା ମନୋବୃତ୍ତି ନାରୀକୁ କରେ ମହାନ ।

ସେଇ ଅସ୍ତ୍ରଟିକୁ ପ୍ରୟୋଗ କରି ନାରୀ ଅସାଧ୍ୟକୁ ସାଧନକରିପାରେ । ସେଇ ଅସାଧାରଣ ଶକ୍ତି ନାରୀକୁ କରେ ଶକ୍ତି ସ୍ୱରୂପିଣୀ । ସାମ୍ପ୍ରତିକ ପରିପ୍ରେକ୍ଷୀରେ ଯୁଗ ବଦଳି ଯାଇଛି - ନାରୀ ଆଉ ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହି ନାହିଁ । ସେ ପୁରୁଷ ସମକକ୍ଷ ହୋଇ ଉପାର୍ଜନକ୍ଷମ ହେଲାଣି ।

ଏକ ତୀକ୍ଷ୍ଣ ଅସ୍ତ୍ର ପ୍ରୟୋଗ କଲାଭଳି ସେବା ମାଧ୍ୟମରେ ଗୃହକାର୍ଯ୍ୟଠାରୁ ଆରମ୍ଭକରି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ପାରୁଛି । ଏବେ ନାରୀ ଆଉ ଅସୂର୍ଯ୍ୟଂପଶ୍ୟା ହୋଇ ନାହିଁ । ତାର ଅସାଧାରଣ ଶକ୍ତିକୁ ସେ ବିଭିନ୍ନ ଦିଗରେ ପ୍ରୟୋଗ କରି ଚାଲିଛି । ପରିବାରରେ ସେ ସନ୍ତାନବତ୍ସଳା ସରଳ ତରଳ ମାଟିଏ, ସ୍ୱାମୀ ପାଖରେ ନିଶ୍ଚୁଲ୍କା ଦାସୀଟିଏ, ଶାଶୁ ଶ୍ୱଶୁରଙ୍କ ପାଖରେ ଆଜ୍ଞାଧୀନା ବୋହୂଟିଏ ପୁଣି କର୍ମ କ୍ଷେତ୍ରରେ ସୁଦକ୍ଷା ପଣ୍ଡିତା, ବିଚକ୍ଷଣା କର୍ମଚାରିଣୀଟିଏ । ତା ଧୈର୍ଯ୍ୟଶକ୍ତି ତାକୁ ସାହସ ଦିଏ, ତା ବିବେକର ଶୁଦ୍ଧତା ତାକୁ ଆତ୍ମଶକ୍ତି ଦିଏ, ତା ପ୍ରେମର ଗଭୀରତା ତାକୁ ସଫଳତା ଦିଏ । ଯେତେବେଳେ ତା ଭିତରର ଶକ୍ତିକୁ ନାରୀ ହୃଦୟଙ୍ଗମ କରେ ସେ ହୋଇ ଉଠେ ସକଳ ଶକ୍ତିର ଆଧାର । ସେତେବେଳେ ନାରୀ ପାଇଁ ପୁଣି କି ନାରୀ ସଶକ୍ତିକରଣର ପ୍ରହସନ । ଯେତେବେଳେ ପୁରୁଷ କୈନ୍ଦ୍ରିକ ସାମାଜିକ ବ୍ୟବସ୍ଥା ନାରୀକୁ ଉପଯୁକ୍ତ ସମ୍ମାନ ଦିଏ - ମର୍ଯ୍ୟଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଭାଷାରେ

କାର୍ଯ୍ୟେଷୁ ମନ୍ତ୍ରୀ କରଣେଷୁ ଦାସୀ
ସ୍ନେହେଁସୁ ମାତା କ୍ଷମାୟା ଧରିତ୍ରୀ
ରଙ୍ଗେଷୁ ସଖୀ ସୟନେଷୁ ବେଶ୍ୟା

ସା ମମ ଭାର୍ଯ୍ୟା ସୀତା ।

ମାତା ସୀତା ଦେବୀ ବିଭିନ୍ନ ଭୂମିକାରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରି ଆଜି ନାରୀ ସମାଜ ପାଇଁ ନମସ୍ୟା ହୋଇ ପାରିଛନ୍ତି ।

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମ୍ୟନ୍ତେ ତତ୍ର ଦେବତା ।

ନାରୀକୁ ଉପଯୁକ୍ତ ସମ୍ମାନ ଦିଆଗଲେ ତଥା ନାରୀ ନିଜର କର୍ତ୍ତବ୍ୟପ୍ରତି ସଚେତନ ହେଲେ ସମାଜର ସାମୁହିକ ବିକାଶ ସାଧିତ ହୋଇପାରିବ । ତା ଅନ୍ତର୍ନିହୀତ ଶକ୍ତିକୁ ହୃଦୟଙ୍ଗମ ନକରିପାରି ସେ ନିଜକୁ ଦୁର୍ବଳା ମନେ କରୁଛି ।

ବେଳେ ବେଳେ ଦେଖାଯାଉଛି ସାମ୍ପ୍ରତିକ ପରିପ୍ରେକ୍ଷିରେ ଉଗ୍ର ଅତ୍ୟାଧୁନିକ ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ପ୍ରାଚ୍ୟ ସାଂସ୍କୃତିର କେତେକାଂଶରେ ଅବକ୍ଷୟ ଘଟାଇ ଚାଲିଛି । ଯୁଗୋପୋଯୋଗି ନାଁ ରେ ବେଳେ ବେଳେ ନାରୀ ତାର କର୍ତ୍ତବ୍ୟ କର୍ମରୁ ବଞ୍ଚିତ ହୋଇ ସମାଜ ପାଇଁ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିବସୁଛି । ଏହା ସମଗ୍ର ନାରୀ ସମାଜ ପାଇଁ ନିନ୍ଦନୀୟ ।

ନାରୀ ତା କର୍ତ୍ତବ୍ୟ ପ୍ରତି ସଚେତନ ହେଉ । ନିଜ ବୁଦ୍ଧି, ବିବେକ, ଜ୍ଞାନ ଓ ଭକ୍ତିଦ୍ୱାରା ତା ଚତୁପାର୍ଶ୍ୱକୁ କରୁ ସରସ, ସୁନ୍ଦର ଏବଂ ମଧୁମୟ । ତା କାବ୍ୟମୟତାରେ ଏକ ଆନନ୍ଦର ଝଲକ ସୃଷ୍ଟି କରି ଏକ ପବିତ୍ରତା ବାତାବରଣ ସୃଷ୍ଟିକରି ଈଶ୍ୱରାନୁଚିନ୍ତନରେ କାବ୍ୟମୟ କରିଦେଉ ସମଗ୍ର ସୃଷ୍ଟିକୁ ।

*ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟ, କଟକ-୧*

୦୦୦୦



# ପାପ ପ୍ରେତାତ୍ମା

- ଦିପୁନ୍ ପୁହାଣ

ନିଶା ଗର୍ଜୁଛି । ଅଗନା ଅଗନି ବନସ୍ତ । ରହି ରହି ଶୁଭୁଛି ନିଶାଚରଙ୍କ ବିକଟ ଗର୍ଜନ । ଅଶରୀରୀଙ୍କ ଅଟ୍ଟହାସ୍ୟ । ଖଣ୍ଡେ ବାଦଲ୍ ପଛରେ ମୁହଁ ଲୁଚେଇଛି ପୂର୍ଣ୍ଣମୀର ଜହ୍ନ । ହେଲେବି ଝାପ୍‌ସା ଆଲୁଅରେ ଆଲୋକିତ ଆକାଶ । ତଳେ ପୃଥିବୀ । ଆଉ ଏ ଆକାଶ ପୃଥିବୀ ମଝିରେ ଦେବାନନ୍ଦ ବାବୁ । ଯନ୍ତ୍ର ଚାଳିତ ପାଦ ଦୁଇଟି ଧାଇଁ ଯାଉଛି ଆପେ ଆପେ । ଘଞ୍ଚ ଜଙ୍ଗଲ ଭିତରକୁ । ଆହୁରି ଭିତରକୁ । ଅଟକି ଯାଉଛି ପାଦ । କାହାର ଆକର୍ଷଣ ଇଏ ? ବୁଢ଼ା ବରଗଛ । ଅନ୍ଧାରୁଆ ଓହଳ ଭର୍ତ୍ତି ମୂଳକ । ଭାସି ଆସୁଛି ଏକ ଅଶରୀରୀର ବିକଳ କ୍ରନ୍ଦନ । ଉଠ୍‌ପଡ଼ ଛାତିର ଦୁକୁଦୁକି ସହ ତାଳ ଦେଇ ବଢ଼ି ଚାଲିଛି କ୍ରନ୍ଦନର ସ୍ୱର । ହଠାତ୍ ସେଇ କଳା ଛାୟାଟି ଧୀର ମନ୍ଥର ଗତିରେ ମାଡ଼ି ଆସୁଛି ଦେବାନନ୍ଦ ବାବୁଙ୍କ ଆଡ଼କୁ । ଗୋଟାପଣି ଝାଳରେ ବତୁରି ଉଠୁଛି ଦେହ । ବଢ଼ି ଯାଉଛି ହୃଦ୍‌ସ୍ପନ୍ଦନ । ଅଶରୀରୀ ଛାୟାଟି ମାଡ଼ି ଆସୁଛି ପାଖକୁ । ଖୁବ୍ ପାଖକୁ, ଚିତ୍କାର । ବ ଞ୍ଚ ।ଅ... ବ ଞ୍ଚ ।ଅ.... ଛାୟା ମୂର୍ତ୍ତିଟି ପୁଣି ପବନ ବେଗରେ ଧାଇଁ ଯାଉଛି ସେଇ ବୁଢ଼ା ବରଗଛ ଦିଗରେ । ଚଢ଼ି ଯାଉଛି ବରଗଛର ଶାଖାରେ ଆଉ ଝୁଲିଯାଉଛି ଗଛରୁ ତଳକୁ । ଆତ୍ମ ହତ୍ୟା! ଚିତ୍କାର ! ପ୍ରେତମାନଙ୍କ ବିକଟ ଅଟ୍ଟହାସ୍ୟ! ନିଶାଚରଙ୍କ ଗର୍ଜନ । କ୍ରନ୍ଦନ । ବ ଞ୍ଚ ।ଅ... ବ ଞ୍ଚ ।ଅ... ।

ଚିହିଁକି ଉଠିଲେ ସକୁନ୍ତଳା । ଘନ ଅନ୍ଧକାରକୁ ଚିରିପକାଇ ଜଳି ଉଠିଲା ରୁମ୍‌ର ଟ୍ୟୁବ୍‌ଲାଇଟ୍ । ବିଳିବିଳେଇ ଉଠୁଥିବା ଦେବାନନ୍ଦ ବାବୁଙ୍କ ଦେହରେ ହାତ ମାରି ଉଠାଇବାକୁ ଚେଷ୍ଟାକଲେ ସକୁନ୍ତଳା । ଆଖି ଖୋଲିଲେ ଦେବାନନ୍ଦ ବାବୁ । ଆଖିଏ ପ୍ରଶ୍ନ ନେଇ ଚାହିଁ ରହିଲେ ସକୁନ୍ତଳା । ଆଖି ବୁଲାଇ ନେଲେ ଦେବାନନ୍ଦ ବାବୁ । ସାମ୍ନାରେ ଝୁଲୁଥିଲା କାନ୍ଥଘଣ୍ଟା । । ସମୟ ସକାଳ ହେବାକୁ ଆହୁରି ୩ ଘଣ୍ଟା । ବାକି ।

– କିଛି ସ୍ୱପ୍ନ ଦେଖିଲ ବୋଧେ ?

– ସ୍ୱପ୍ନ ନୁହେଁ ଦୁଃସ୍ୱପ୍ନ କୁହ !

ସକୁନ୍ତଳାଙ୍କ ବିସ୍ତାରିତ ଆଖିକୁ କିଛି ସମୟ ସ୍ତମ୍ଭିଭୂତ କରି ଏକା ନିଃଶ୍ୱାସରେ ଗପି ଚାଲିଲେ ଦେବାନନ୍ଦ ବାବୁ ।

– ସେ ଭୂତଫୁତ ମୁଁ ମାନେନା । ଏ ସବୁ କେବଳ ମନର ଭ୍ରମ । ରାତି ପାହିଲେ ପୁଣି ଭୁବନେଶ୍ୱର ଯିବାର ଅଛି । ରିନୁକୁ ଏକା ଛାଡ଼ିଦେଇ ଆସିଛନ୍ତି । ଆସିଲା ବେଳେ ମମି ମମି କହି ଚିଲାଇଥିଲା ।

– ଲାଇଟ୍ ଅଫ୍ କରି ଶୋଇପଡ଼, ଆଉ ମୋତେ ବି ଶୋଇବାକୁ ଦିଅ । ପୁଣିଥରେ ଅନ୍ଧାର ପାଖରେ ହାରମାନିଲା ଟ୍ୟୁବ୍‌ଲାଇଟ୍‌ର ଆଲୋକ । ଆଖି ବୁଜିଲେ ଦେବାନନ୍ଦ ବାବୁ । ପୁଣି ଆଖି ଖୋଲିଲେ । ଅନ୍ଧାର, ଚାରିଆଡ଼େ ଖାଲି ଅନ୍ଧାର ହିଁ ଅନ୍ଧାର । ଝରକା ସାମନାରେ ଝୁଲୁଥିବା ସ୍କ୍ରିନ୍ ସେପାଖରୁବି ଛୁଟୁଛି କିଟ୍‌ମିଟ୍ ଅନ୍ଧାରର ସୁଅ । ସକାଳ ହେବାକୁ ଆହୁରି ୩ ଘଣ୍ଟା । ବାକି । ପୁଣି ଥରେ ଆଖି ବୁଜିଲେ ଦେବାନନ୍ଦ ବାବୁ । ଗୋଡ଼ ଲମେଇ ବସିଛି ପିତାଶୁଣି । ସାମ୍ନାରେ ଘୋ ଘୋ ହୋଇ

ଜଳି ଉଠୁଛି ନିଆଁ । ଚିକ୍ ଚିକ୍ କରୁଛି ତା' ମୁହଁ । ଚିହ୍ନା ମୁହଁ, ହେଲେବି ଚିହ୍ନିପାରୁ ନାହାନ୍ତି ଦେବାନନ୍ଦ ବାବୁ । ଜଳି ଉଠୁଛି ନିଆଁ । ହୁତ୍‌ହୁତ୍ ନିଆଁର ଧାସରେ ପିତାଶୁଣି ସେକ ଦେଇ ସାଷ୍ଟାମ କରୁଛି ତା'ର ୨ ମାସିଆ ଛୁଆକୁ । ଗୋଡ଼ ହଲାଉଛି ପିତାଶୁଣି । ଗାଉଛି ନାନାବାୟା ଗୀତ । ପାଖରେ ଲଣ୍ଡଭଣ୍ଡ ହେଉଛନ୍ତି ଦୁଇ ଚାରିଟା ଭୋକିଲା କକୁର । ନିଜ ସନ୍ତାନକୁ ବଞ୍ଚେଇବା ପାଇଁ କୁକୁରଙ୍କ ସହ ଚାଲିଛି ପିତାଶୁଣିର ଲଢ଼େଇ । ହାଁ ହାଁ କହୁକହୁ ଦେବନନ୍ଦ ବାବୁଙ୍କ ଆଖି ସାମ୍ନାରୁ କଅଁଳା ଛୁଆଟିର ତଣ୍ଟିକୁ କାମୁଡ଼ି ଧରି ନେଇଯାଉଛି କାଳିଆ କୁକୁର । ଝରି ପଡୁଛି ଥପ୍‌ଥପ୍ ରକ୍ତ ବୁନ୍ଦା । ବତୁରି ଉଠୁଛି ମାଟି । କ୍ରନ୍ଦନ, ବିକାଳ କ୍ରନ୍ଦନ । ଚିତ୍କାର, ଆର୍ତ୍ତ ଚିତ୍କାର । ପୁଣି ଅଟ୍ଟହାସ୍ୟ । କାନ ଫଟା ଅଟ୍ଟହାସ୍ୟ । ଏଥର ବୋଧେ ଫାଟିଯିବ ଦେବାନନ୍ଦଙ୍କ କାନଗିରି । କାନରେ ହାତ ଦେଇ ବସି ରହିଲେ ଦେବାନନ୍ଦ ବାବୁ । ବୁଜି ହୋଇଗଲା ଆଖି । ସବୁ ଶୂନ୍‌ଶାନ୍, ନିଷ୍ଫଳ । ଆଖି ଖୋଲିଲେ ଦେବାନନ୍ଦ ବାବୁ ।

ନାଁ, ଆଉ ନିଦ ନାହିଁ । ପାଖରେ ଘୁଙ୍ଗୁଡ଼ି ମାରୁଥିଲେ ସକୁନ୍ତଳା । ପୁଣିଥରେ ରାତିର ଅନ୍ଧାରକୁ ବେଖାତିର କରି ଜଳି ଉଠିଲା ଟ୍ୟୁବ୍‌ଲାଇଟ୍ । ରାତି ସରିବା ସରିବା ହେଉଛି । ଦେହ ଉପରେ ଲଦିହୋଇ ପଡ଼ିଥିବା ବ୍ଲାଙ୍କେଟ୍‌ର ବନ୍ଧନୀରୁ ନିଜକୁ ମୁକ୍ତକରି ଉଠି ଠିଆ ହେବାକୁ ଚେଷ୍ଟା କଲେ ଦେବାନନ୍ଦ ବାବୁ । କାଚଲଗା ଝର୍କା ସାମ୍ନାରୁ ନୀଳ ପର୍ଦ୍ଦାକୁ ହଟାଇ ଆକାଶକୁ ଦୃଷ୍ଟି ନିକ୍ଷେପ କଲେ ଦେବାନନ୍ଦ ବାବୁ । ଏବେବି ଜହ୍ନ ବୁଡ଼ିନି । ସୂର୍ଯ୍ୟ ଉଠିନି । ଫର୍ଚ୍ଚା ଫର୍ଚ୍ଚା ଆକାଶ । ବେଶ୍ କିଛି ସମୟରେ ଗୋଟେପରେ ଗୋଟେ ପୁଣି ଦଳ ପରେ ଦଳ - ଶୁଭିଯିବ ପକ୍ଷିମାନଙ୍କ କାକଳି । ଆକାଶର ଦୂର ଦିଗ୍‌ବଳୟରୁ ଅଳସ ଭାଙ୍ଗିବ ସୂର୍ଯ୍ୟ । ଅଳସ ଭାଙ୍ଗିବ ଗେଷ୍ଟ୍‌ହାଉସ୍‌ର ଚୌକିଦାର । ଗାଡ଼ି ମଟର, ସାଇକେଲ ସବୁ ମର୍ଣ୍ଣିଂୱାକ୍‌ରେ ବାହାରି ଯିବେ । ପେଁ ପାଁ ଘଁ ଘାଁ ଶବ୍ଦରେ ଆରମ୍ଭ ହେବ ସକାଳର ଅର୍କେଷ୍ଟ୍ରା ମେଲୋଡ଼ି । କ୍ରମଶଃ ଇତଃସ୍ତଃ ହେବେ ବୃକ୍ଷରାଜି । ଚଳଚଞ୍ଚଳ ହେବ ପୃଥିବୀ । ସବୁକିଛି ଘଟିଯିବ ଧାରାବାହିକତା ଭିତରେ । ଠିକ୍ ଯେମିତି ଜୀବନ । ସରି ଯାଇଥିବା ଯୌବନ ଏଇ ଗେଷ୍ଟ ହାଉସ୍ ସହ ବାନ୍ଧି ହୋଇ ରହିଥିବା ଅତୀତ । ଆଉ ଆଜିର ବର୍ତ୍ତମାନ । ବିରକ୍ତିର ହାଇ ମାରିଲେ ଦେବାନନ୍ଦ ବାବୁ ।

ଆଜି ପ୍ରାୟ ତିରିଶ ବର୍ଷପରେ ଦେବାନନ୍ଦ ବାବୁଙ୍କ ମାନସ ପଟକୁ ଜବରଦସ୍ତ ପଶି ଆସୁଛି ଅତୀତର ସେଇ ଅଭୁଲା ଘଟଣା । ଯାହାକୁ ସେ ଯେତେ ଚେଷ୍ଟା କଲା ପରେବି ଆଦୌ ଭୁଲିପାରୁ ନାହାନ୍ତି । ଠିକ୍ ଏଇ ଯାଗାରେ, ଏଇ ଘରେ । ସେ ଦିନ ଦେବାନନ୍ଦ ବାବୁ ଆଉ ସକୁନ୍ତଳା ଦେବୀ । ଯଦିଓ ସକୁନ୍ତଳାଙ୍କ ତଳିପେଟରେ ଆଜିପରି ବହଳ ଚର୍ବି ନଥିଲା ସେଦିନ କି ଦେବାନନ୍ଦ ବାବୁଙ୍କ ମୁଣ୍ଡର ବାଳ ଏତେ ପତଳା ନଥିଲା, କି ଆଜିପରି ଟୋପି ପିନ୍ଧିବାକୁ ପଡୁନଥିଲା ଦେବାନନ୍ଦ ବାବୁଙ୍କୁ । ସେଦିନ ଦେବାନନ୍ଦ ବାବୁ ପ୍ରଥମ କରି ଅନୁଭବ କରିଥିଲେ ସକୁନ୍ତଳାଙ୍କ ଦେହର ବାସ୍ନା । ଏକ ଭିନ୍ନ ଉଷ୍ମତା ଖେଳି ଯାଉଥିଲା ଦେହସାରା । ଯାହାର କେନ୍ଦ୍ରବିନ୍ଦୁ ସାଜିଥିଲା ଦେବାନନ୍ଦଙ୍କ ତଳିପେଟ । ସିରି ସିରେଇ ଉଠୁଥିଲା ତାତି । ଦେବାନନ୍ଦଙ୍କ ନିବିଡ଼ ଆଲିଙ୍ଗନରେ ଓ ଉଷ୍ମ ଚାପରେ ଜଳିଯାଉଥିଲା ସକୁନ୍ତଳାଙ୍କ ଦେହ । ସକୁନ୍ତଳାଙ୍କ ହାତରେ ପାପୁଲି, ନରମ ଓଠ, ଗରମ ଦେହ, କଅଁଳ ଛାତି, ନାଭିକେନ୍ଦ୍ର-ସବୁଠି ସାମ୍ରାଜ୍ୟ ବିସ୍ତାର କରୁଥିଲା ଦେବାନନ୍ଦଙ୍କ ପୁରୁଷାକାର । ବାଜି ଉଠିଲା କଲିଂବେଲ୍ । ଗେଷ୍ଟ୍

ହାଉସର ଚୌକିଦର ହୋଇଥିବ ବୋଧେ । ତେଣୁ ଲଙ୍ଗଳା ଦେହଟାକୁ ଖଣ୍ଡେ ଟାୱେଲ୍ ରେ ଆବୃତ କରି କବାଟ ଖୋଲିଲେ ଦେବାନନ୍ଦ ବାବୁ ।

କିନ୍ତୁ ସେ କବାଟ ସେ ପାଖ ଲୋକଟା । ଚୌକିଦାର ନଥିଲା, ଥିଲା ଗୋଟେ ଝଡ଼ । ଗୋଟେ ଜଳୁଥିବା ଅଗ୍ନିପିଣ୍ଡ । ଘୋ କରି ପଶିଗଲା ଗେଷ୍ଟ୍ ହାଉସ୍ ଭିତରକୁ । ତନ୍ନ ତନ୍ନ କରି ଆଖି ବୁଲାଇ ଆଣିଲା ସକୁନ୍ତଳା ଓ ଦେବାନନ୍ଦଙ୍କ ତିଳରୁ ତଳିପା ଯାଏଁ । ଜଳିଗଲା ଦେବାନନ୍ଦଙ୍କ ଦେହ । ଇତଃସ୍ତତ ହୋଇ ଉଠିଲେ ଗେଷ୍ଟ୍ ହାଉସର ଝର୍କା କବାଟମାନେ ସେଇ ଝଡ଼ର ପ୍ରଖର ପବନରେ । ଯେମିତି ଆସିଥିଲା ଠିକ୍ ସେମିତି ପବନ ବେଗରେ ଚାଲିଗଲା ସେ ଝଡ଼ । ଥମିଗଲା ତୋଫାନ୍ । ସବୁଆଡ଼େ ନୀରବତା । ସବୁକିଛି ଚୁପ୍‌ଚାପ୍ । ବୋଧହୁଏ ଆଉ ଏକ ଝଡ଼ର ଆଭାସ ।

ସକାଳ ୮ଟା ବାଜି ୩୦ ମିନିଟ୍ । ବାପା ଫୋନ୍ କରିନଥିଲେ ଏତେ ତର ତର ହୋଇ ଯିବାର ଆବଶ୍ୟକତା ଅନୁଭବ କରୁନଥିଲେ ଦେବାନନ୍ଦ ବାବୁ । ଗାଡ଼ି ଚାଲିଲା ଭୁବନେଶ୍ୱର ଅଭିମୁଖେ । ଏବେବି ଭଲକରି ନିଦ ଛାଡ଼ିନଥିଲା ସକୁନ୍ତଳାଙ୍କ ଆଖିରୁ । ବାପା ତିଆରି କରିଥିବା କଲେଜ୍‌ର କାଲିଥିଲା ବାର୍ଷିକ ଉତ୍ସବ । ନବେ ବର୍ଷ ବୟସର ଅସୁସ୍ଥ ବାପାଙ୍କ ଅନୁପସ୍ଥିତତାକୁ ପରିପୂରଣ କରିବା ପାଇଁ ବାଧ ହୋଇ ଆସିବାକୁ ପଡ଼ିଲା ଏହି ଅପନ୍ତରା ଅତୀତକୁ । ଦୀର୍ଘ ତିରିଶ ବର୍ଷ ତଳକୁ । ଚିଡ୍‌ଚିଡ୍ ହୋଇ ଉଠୁଥିଲେ ଦେବାନନ୍ଦ ବାବୁ । କାଲି ରାତିରେ ଅଶରିରୀମାନେ ଯେମିତି ଚକ୍କର କାଟୁଥିଲେ ତାଙ୍କ ଚାରି ପାଖରେ ।

ଘରେ ପହଞ୍ଚୁ ପହଞ୍ଚୁ ବାରଟା ବାଜିସାରିଥାଏ । ମୁଣ୍ଡ ଉପରକୁ ଉଠି ସାରିଥାଏ ସୂର୍ଯ୍ୟ । ମୁଣ୍ଡ ଉପରୁ ଫୁର୍ ଫୁର୍ ଉଡୁଥାଏ ଦେବାନନ୍ଦ ବାବୁଙ୍କ ଲମ୍ବାବାଳ କେଇଟା । ଦୁଆର ଖୋଲି ଧାଇଁ ଆସୁଥିଲା କୁନିଝିଅ ନିରୁ । କୁନିଝିଅ କହିଲେ ଘରର ସବୁ ସାନଝିଅ । ସମସ୍ତଙ୍କ ଗେହ୍ଲା, ତେଣୁ ବୟସ ୧୭ ଟପିଗଲାପରେ ବି ତା ଦେହରୁ ଉତୁରୁନି ପଲାଳିଆମି । ବଡ଼ ଝିଅ ପ୍ରଜ୍ଞା ଏବେ ବିଶ୍ୱ ବିଦ୍ୟାଳୟର ଗବେଷଣାର ଛାତ୍ରୀ, ମଝିଆଁ ଝିଅ ଶ୍ୱେତା ପଢୁଛି ଏକ ବିଖ୍ୟାତ ମହିଳା ମହାବିଦ୍ୟାଳୟରେ । ଏଇ ତିନି ଟା ଝିଅ ପତ୍ନି ସକୁନ୍ତଳା ଓ ବାପା, ମାଆଙ୍କୁ ନେଇ ଦେବାନନ୍ଦ ବାବୁଙ୍କର ବର୍ତ୍ତମାନ । ଆଉ ଅତୀତ ?

– ମମ୍ମି ମମ୍ମି ଜାଣିଛ ଆଜି ଜେଜେ ବାପା ଘରେ କଣ ଗୋଟେ ପୂଜା ରଖିଛନ୍ତି । ଆଉ ଜାଣିଛ ଜେଜେମା ଆଜି ମୋ ଫେଭ୍ରେଟ୍ ଖିରି, ଆଳୁଦମ୍ ଆଉ ପୁରି ବନେଇଛନ୍ତି । ହେଲେ ମାଗିଲା ବେଳକୁ କହୁଛନ୍ତି କ'ଣ ନା ପୂଜା ସରିଲେ ଦେବେ ।

– କି ପୂଜା ହେବ କି ମମ୍ମି ?

ଘର ଭିତରକୁ ପସୁ ପସୁ ପୁଣିଥରେ ୩୦ବର୍ଷ ତଳର ପୁରୁଣା ଘା'ଟା ଅଚାନକ୍ ଉଖୁଡ଼ି ପଡ଼ିଲା ବାପାଙ୍କ ପାଖରେ । ଯା' ମୋ ଆଲ୍‌ମାରୀ ରୁ ଧଳା ଧୋତିଟା ଆଉ ଧଳା କାମିଜ୍‌ଟା ପିନ୍ଧିପକା । ପୂଜାରୀ ନନା କେତେବେଳୁ ଆସି ଅପେକ୍ଷା କରିଛନ୍ତି । ତୋର କ'ଣ ମନେନାହିଁ ଆଜି ଆମ ସାବିତ୍ରୀ ବୋହୂ ମା'ର ୩୦ତମ ଶ୍ରାଦ୍ଧ ବାର୍ଷିକ ବୋଲି ? ଜଳି ଉଠୁଥିଲା ଦୀପ । ମହକି ଯାଉଥିଲା ଧୂପ ଆଉ ଝୁଣାର ବାସ୍ନା । ପିଣ୍ଡ ଚାଉଳ ବାଢ଼ିଲା ବେଳେ ଅନ୍ତଃସତ୍ତ୍ୱା ସାବିତ୍ରୀ ଆଉ ତା' ପେଟର ସେଇ କଅଁଳ ସମ୍ଭାବନାଟି ଯେମିତି କଣେଇ କଣେଇ ଚାହୁଁଥିଲେ ଦେବାନନ୍ଦ ବାବୁଙ୍କୁ ଏକ ଅଶରୀରୀର କାନଫଟା ଚିତ୍କାର ଶୁଭିଯାଉଥିଲା ଦେବାନନ୍ଦଙ୍କ କାନ ପାଖରେ ।

କଟକ

# ତଥାପି ଅପେକ୍ଷା କରାଯାଉ

- ଡକ୍ଟର ବିଜୟାନନ୍ଦ ସିଂହ

ଶୀତଦିନର ସକାଳଟା ଅତ୍ୟନ୍ତ ବିବର୍ଣ୍ଣ ଦେଖାଯାଉଥିଲା । ଚାରିଆଡ଼ କୁହୁଡ଼ିରେ ପରିପୂର୍ଣ୍ଣ । ଟିକେ ବି ଖରା ଦେଖାଯାଉ ନାହିଁ । ପଙ୍କଜ ଉପର ମହଲାରୁ ତଳ ଡ୍ରଇଁରୁମ୍‌କୁ ଆସିଲେ । କବାଟଟା ଖୋଲିଦେଲେ । ଶୀତଦିନିଆ ଥଣ୍ଡା ପବନ ଦଲକାକୁ ଦଲକା ମାଡ଼ିଆସୁଛି ଘର ଭିତରକୁ । ପଙ୍କଜ ପୁଣି କବାଟ ଆଉଜାଇ ଦେଲେ । ଏତେବେଳଯାଏ ଖବରକାଗଜ ଆସି ନାହିଁ । ସେ ସକାଳୁ ସକାଳୁ ଚା' ପିଉ ପିଉ ଖବରକାଗଜ ପଢ଼ା ସାରିଦିଅନ୍ତି । ଏଇ ଦୁଇ ତିନିଦିନ ହେବ ଜୀବନଟା ତାଙ୍କର କେମିତି ଅସଜଡ଼ା ହୋଇଯାଇଛି । ଅଫିସ ନ ଯାଇ ଛୁଟିରେ ଅଛନ୍ତି । କେମିତି ସେ ଅଫିସ୍ ଯିବେ । ଅଫିସ୍‌ରେ ପହଞ୍ଚିଲାମାତ୍ରେ ଯେଉଁସବୁ ଘଟଣା ଘଟିଯିବ, ତାକୁ ସେ ସାମନା କରିପାରିବେ ତ ? ପ୍ରଥମେ ଅଡ଼ର୍ଲି ପିଅନ ନମସ୍କାର କରି ଅଫିସ୍ ଚ୍ୟାମ୍ବରର କବାଟ ଖୋଲି ଠିଆହେବ ପରବର୍ତ୍ତୀ ନିର୍ଦ୍ଦେଶ ଅପେକ୍ଷାରେ । ତା' ମନରେ ବହୁ ପ୍ରଶ୍ନବାଚୀ ଖୁନ୍ଦି ହୋଇ ରହିଥିଲେ ବି ସେ କ'ଣ ସାହସ କରି ପଚାରିବ ତାଙ୍କର କ'ଣ ହୋଇଛି ବୋଲି ? ପ୍ରାଇଭେଟ୍ ସେକ୍ରେଟେରୀ, ଷ୍ଟେନୋ, ଆଖିରେ ଆଖିଏ ଲେଖାଏଁ ପ୍ରଶ୍ନ ଧରି ନିର୍ବାକ୍ ଭଳି ଅନାଇ ରହିଥିବେ ତାଙ୍କ ମୁହଁକୁ । ଆଉ... ଅଫିସ୍‌ର ଅନ୍ୟାନ୍ୟ କର୍ମଚାରୀ ତାଙ୍କ ବିଷୟରେ କେତେ କ'ଣ ଆଲୋଚନା କରୁଥିବେ । କଥାବାର୍ତ୍ତା ହେଉଥିବେ - ଏତେ ବଡ଼ ଅଫିସର୍... ଏତେ କର୍ମନିଷ୍ଠ ... ଉଚିତ କଥାରେ କାହାକୁ ତ ଛାଡ଼ନ୍ତି ନାହିଁ ... ଅଫିସ୍‌କୁ ଶଙ୍ଖଳିତ କରିବା ପାଇଁ ଯେତେ ସବୁ କଠୋରତା ଅବଲମ୍ବନ କରନ୍ତି .... ଅଥଚ ତାଙ୍କର ଛୋଟିଆ ପରିବାରକୁ ଶୃଙ୍ଖଳିତ କରିପାରିଲେ ନାହିଁ !

ଏଇ କେଇଦିନ ତଳେ ସସ୍‌ପେଣ୍ଡ୍ ହୋଇଥିବା ରାତି ଜଗୁଆଳି ନରହରି କିନ୍ତୁ ଗଦ୍‌ଗଦ ଆନନ୍ଦରେ କହୁଥିବ - ବେଟାକୁ ଠିକ୍ ହୋଇଛି । ସଚ୍ଚୋଟପଣିଆ ଦେଖାଉଥିଲା, ମୋତେ ସସ୍‌ପେଣ୍ଡ୍ କରିଥିଲା, ତା'ର ଫଳ ଏବେ ଭୋଗୁଛି । ମୋର କ'ଣ ବା ଦୋଷ ଥିଲା ? ଚାକିରି କଲାଦିନୁ କେବେ ତ ମୁଁ ଠିକ୍ ସମୟରେ ଆସିପାରେ ନାହିଁ । ଘଣ୍ଟେ ଦି' ଘଣ୍ଟା ଡେରି ହୋଇଯାଏ । ଏଇଟା କ'ଣ ଗୋଟେ ଭୁଲ୍ ନା ଏ ଡେରି ଆଜିକାଲିର ? ଆବହମାନ କାଳରୁ ଚାକିରି କଲାଦିନୁ ଏମିତି ଡେରିରେ ଆସୁଛି । ୟା'ପରି କେତେ ଅଫିସର ଆଇଲେଣି - ଗଲେଣି । କାହିଁ ସେମାନେ ତ ସସ୍‌ପେଣ୍ଡ୍ କରିନଥିଲେ ? କେହି କେବେ ଅଭିଯୋଗ କଲେ ସେମାନେ ପାଖକୁ ଡାକି କେବଳ ବିରକ୍ତ ହୁଅନ୍ତି ବା ତାଗିଦା କରିଦିଅନ୍ତି । ୟେ କ'ଣ କଲା ନା କୁହା ନାହିଁ ବୋଲା ନାହିଁ ଏକାଥରକେ ସସ୍‌ପେଣ୍ଡ ! ଶଳା ଯେମିତି କରିଛି, ସେମିତି ଫଳ ପାଉଛି ।

ଅଫିସ୍ ଟେବୁଲ ଉପରେ ଫାଇଲସବୁ ଗଦା ହୋଇଯିବଣି । ବିଚରା ଯେଉଁମାନେ ଫାଇଲ ଉପରେ ନିର୍ଭର କରି ଭବିଷ୍ୟତକୁ ଦେଖିଥିବେ, ସେମାନେ କେତେ ବ୍ୟସ୍ତ ହେଉଥିବେ ! ଷ୍ଟେନୋ

ଗୁରୁଚରଣ ଫୋନ୍ କରି କହୁଥିଲେ- କ୍ୟାସିୟରବାବୁ ବ୍ୟସ୍ତ ହେଉଛନ୍ତି - କେତେ ଜଣଙ୍କର ଚେକ୍ ଦସ୍ତଖତ ହୋଇନି ବୋଲି ସେମାନେ ଟଙ୍କା ପାଇପାରୁ ନାହାନ୍ତି । ପଚାରୁଥିଲେ, ସାର୍ କେବେ ଆସିବେ ।

ପଙ୍କଜ ବଡ଼ ବ୍ୟସ୍ତ ହୋଇପଡୁଥିଲେ । ଏତେଦିନ ଧରି ଆଦର୍ଶ, ନିଷ୍ଠା ଓ ଦକ୍ଷତାକୁ ନେଇ ବଞ୍ଚୁଥିବା ମଣିଷ ସେ - କ'ଣ ତାଙ୍କ ଜୀବନରେ ଘଟିଗଲା ! ସୋଫା ଉପରୁ ଉଠିପଡ଼ି ବାଚାଳଙ୍କ ପରି ଏପଟ ସେପଟ ହେଲେ । ଟିଭିକୁ ଅନ୍ କଲେ । ପୁରୁଣା ହିନ୍ଦୀ ଗୀତ ଚ୍ୟାନେଲ୍ ଖୋଲିଲେ । ବାଜିଉଠିଲା ମହମ୍ମଦ ରଫିଙ୍କର ବହୁଚର୍ଚ୍ଚିତ ପୁରୁଣା ଏକ ବିରହ ସଂଗୀତ । ଭାବବିହ୍ୱଳ ହୋଇଗଲେ ସେ । ଘରେ କାମ କରୁଥିବା ପିଅନଟା ଆସି ଚା' କପ୍‌ଟିକୁ ଟିପଏ ଉପରେ ରଖିଦେଇ ଗଲାଣି । ଚା' ପିଉ ପିଉ ବସିପଡ଼ି ଭାବିଲେ - କ'ଣ ତାଙ୍କର ଭୁଲ୍ ? କ'ଣ ପାଇଁ ଏ ଦଣ୍ଡ ?

ତିନିଦିନ ହେବ ସୁଚିତ୍ରା ଘରେ ନାହିଁ । ଫୋନ୍ ବି କରୁ ନାହିଁ । ପଙ୍କଜ ଟୁର୍‌ରେ ବଲାଙ୍ଗିର ଯାଇଥିଲେ । ରେସିଡେନ୍ସରୁ ପିଅନ ଫୋନ୍ କରି କହିଲା - ମା' ଗତକାଲିଠାରୁ ଘରୁ ଗଲେଣି । ଫେରି ନାହାନ୍ତି । ଗଲାବେଳେ ବଡ଼ ବ୍ରିଫ୍‌କେଶ୍‌ଟା ନେଇ ଯାଇଛନ୍ତି । ଆପଣ ଟୁର୍‌କୁ ବାହାରିଗଲା ପରେ ସେ କଲେଜ ନ ଯାଇ ତାଙ୍କ ବ୍ରିଫ୍‌କେଶ୍‌ଟାକୁ ସଜାଡୁଥିଲେ । ବୋଧହୁଏ ବ୍ରିଫ୍‌କେଶ୍‌ରେ ତାଙ୍କର ଶାଢ଼ୀ, ଡ୍ରେସ୍ ସଜାଇ ରଖୁଥିଲେ । ମୁହଁସଂଜ ହେବ ଗୋଟି, ଧଳା ଇଣ୍ଡିଗୋ କାର୍ ଆସି ଘରର ମେନ୍‌ଗେଟ୍ ପାଖରେ ଠିଆହେଲା । କାର୍‌ର ଡ୍ରାଇଭର ଆସି ବେଲ୍ ମାରିବାରୁ ମା' ତଳକୁ ଆସି ମୋତେ କହିଲେ – ବ୍ରିଫ୍‌କେଶ୍‌ଟା ଗାଡ଼ିରେ ଥୋଇଦେ ।

ମୁଁ ତାଙ୍କ ଆଦେଶରେ ବ୍ରିଫ୍‌କେଶ୍‌ଟା ଗାଡ଼ିରେ ରଖିଦେବାମାତ୍ରେ ମା' ଡ୍ରାଇଭର ପାଖ ସିଟ୍‌ରେ ବସିପଡ଼ିଲେ । ଗାଡ଼ି ଚାଲିଗଲା । ରାତି ଦଶ ବାଜିଲା, ଏଗାର ବାଜିଲା, ବାର ବାଜିଲା – ତଥାପି ମା' ଫେରିଲେ ନାହିଁ । ବବୁଲୁବାବୁ ଦିଲ୍ଲୀରୁ ଫୋନ୍ କରି ପଚାରୁଥିଲେ – ମା'ର ମୋବାଇଲ୍ କାହିଁକି ବନ୍ଦ ଅଛି ? କ'ଣ ସେ କରୁଛନ୍ତି ? କହିଲି, ସେ ଘରେ ନାହାନ୍ତି । କୁଆଡେ ଯାଇଛନ୍ତି ଯେ ଏପର୍ଯ୍ୟନ୍ତ ଫେରି ନାହାନ୍ତି ।

ପଙ୍କଜ ବଡ଼ ବ୍ୟସ୍ତ ହୋଇପଡ଼ିଲେ । ଫୋନ୍ କଲେ ସୁଚିତ୍ରାକୁ । ମୋବାଇଲ୍ ସୁଇଚ୍‌ଅଫ୍ । କ'ଣ କରିବେ ? ଏତିକିବେଳେ ପୁଅ ବବୁଲୁ ଫୋନ୍ କଲା । କହିଲା — ବାବା ! ମା'ଙ୍କର ଫୋନ୍ ସୁଇଚ୍ ଅଫ୍ ଦେଖାଉଛି । କ'ଣ ହୋଇଛି ତାଙ୍କର ? ପିଅନ କହୁଥିଲା, ମା' ଘରେ ନାହାନ୍ତି ବୋଲି ? କୁଆଡେ ଯାଇଛନ୍ତି ସେ ?

ପଙ୍କଜ ଫେରିଆସିଲେ ଭୁବନେଶ୍ୱରକୁ । ସକାଳୁ ସକାଳୁ ଘରେ ପହଞ୍ଚି ପିଅନ ଜଟାଧାରୀକୁ ପଚାରିଲେ– ସେ ଗାଡ଼ିରେ ଆଉ କିଏ ଥିଲେ ?

– ନାଇଁ ଆଜ୍ଞା, ଡ୍ରାଇଭର ବ୍ୟତୀତ ସେଥିରେ ଆଉ କେହି ନଥିଲେ ।

– ଗାଡ଼ି ନମ୍ବର କେତେ ମନେରଖିଛୁ /

ଜଟାଧାରୀ ମୁଣ୍ଡ ହଲାଇ ମନାକଲା ।

ବନ୍ଧୁ ଅବନିଙ୍କୁ ପଙ୍କଜ ଫୋନ୍ କରି କହିଲେ – ଅବନି ! ସୁଚିତ୍ରା ତିନିଦିନ ହେବ କୁଆଡ଼େ ଚାଲିଯାଇଛ । ତା'ର କିଛି ଖୋଜକବର ନାହିଁ । ମୋବାଇଲ୍‌କୁ ସୁଇଚ୍ ଅଫ୍ କରିଦେଇଛି । ଏବେ କ'ଣ କରିବି, କିଛି ବୁଦ୍ଧି ବାଟ ଦିଶୁ ନାହିଁ ।

ଅବନୀ ଉ ତ୍ତ ର ଦେଲେ – ବ୍ୟସ୍ତ ହୁଅନା । ଏଇ ସଙ୍ଗେ ସଙ୍ଗେ ଯାଇ ତୁମ ଘରେ ପହ ଅଁ ୍ଛି ।

ପଙ୍କଜଙ୍କ ସରକାରୀ କୋଠିରେ ଅବନୀ ପହ ଅଁ ୍, ସବୁ ଘଟଣା ଶୁଣି କହିଲେ – କାହିଁକି ତୁମେ ଏମିତି ଭାଙ୍ଗିପଡୁଛ ? ସେ କୁଆଡ଼େ ବନ୍ଧୁବାନ୍ଧବଙ୍କ ଘରକୁ ଯାଇଥିବେ । ଚାଲିଆସିବେନି ? ଏମିତି କେତେ ଦିନ ଜଣେ ବିବାହିତା ମହିଳା ବାହାରେ ରହିପାରିବେ ? ତୁମେ ତାଙ୍କ ସାଙ୍ଗମାନଙ୍କୁ ପଚାରୁନ.... କିଛି ଖବର ମିଳିପାରେ । ହଁ....ହଁ..... କହି ଅନିରୁଦ୍ଧ ସୁଚିତ୍ରାଙ୍କ ସାଙ୍ଗ ଝରଣାକୁ ଫୋନ୍ ଲଗାଇ ପଚାରିଲେ – ସୁଚିତ୍ରା କ'ଣ ଆପଣଙ୍କ ଘରକୁ ଯାଇଛନ୍ତି କି ?

ରାଜନୀତି ବିଜ୍ଞାନର ଅଧାପିକା ଝରଣା ଷଡ଼ଙ୍ଗୀ ପଚାରିଲେ – କାହିଁ କ'ଣ ହେଲା କି ? ତିନିଦିନ ହେବ ସେ ତ କଲେଜ ଆସି ନାହାନ୍ତି । ତାଙ୍କ ହେଡ୍ ଅଫ୍ ଦି ଡିପାର୍ଟମେଣ୍ଟ ବ୍ୟସ୍ତ ହୋଇ କହୁଥିଲେ – କେମିତି ଚାଲିବ ଏ ଡିପାର୍ଟମେଣ୍ଟ ? ଏପର୍ଯନ୍ତ କୋର୍ସ ଶେଷ ହେଲା ନାହିଁ । ଆଗକୁ ପରୀକ୍ଷା ।

ପଙ୍କଜ ବ୍ୟସ୍ତ ହୋଇ ଫୋନ୍ କାଟିଦେଇ କଲେଜ ପ୍ରିନ୍ସିପାଲ୍‌ଙ୍କୁ ଲଗାଇଲେ – ସୁଚିତ୍ରା କ'ଣ କିଛି ଛୁଟି ଦରଖାସ୍ତ ଆପଣଙ୍କୁ ଦେଇଛି କି ?

ପ୍ରିନ୍ସିପାଲ୍ କହିଲେ – କିଛିଦିନ ତଳେ ସୁଚିତ୍ରା ମୋତେ କହୁଥିଲେ ତାଙ୍କ ଦେହ ଅନେକ ଦିନ ହେବ ଭଲ ରହୁ ନାହିଁ । ମେଡ଼ିକାଲ ଚେକ୍‌ଅପ୍ ଲାଗି ସେ ଦିଲ୍ଲୀ ଯିବାକୁ ସ୍ଥିର କରିଛନ୍ତି । ଅତି କମ୍‌ରେ ତିନିମାସ ଛୁଟି ଦରକାର । ମୁଁ କହିଲି, ସମରଭେକେସନ୍ ସମୟକୁ ଛୁଟି ନେଲେ ହୁଅନ୍ତାନି ? ଏବେ ଡିସେମର ମାସ ଶେଷ ହେଲା । ଆଗକୁ ପରୀକ୍ଷା ଅଛି । ପରୀକ୍ଷାଟା ସରିଯାଉ, ଆପଣ ଯିବେ । ଉ ତ୍ତ ରରେ ସେ କହିଲେ – ମୋର ମେଡ଼ିକାଲ ଚେକ୍‌ଅପ୍ ପାଇଁ ଡେଟ୍ ଫିକ୍ସ ହୋଇଯାଇଛି । ତାକୁ ବଦଳାଇଲେ ଆଉ ସହଜରେ ଡେଟ୍ ମିଳିବ ନାହିଁ । ବାଧହୋଇ ପ୍ରଥମ ପର୍ଯ୍ୟାୟରେ ତାଙ୍କୁ ଗୋଟିଏ ମାସର ଛୁଟି ମଞ୍ଜୁର କରିଛି ।

ଅଜଣା ଆଶଙ୍କାରେ ପଙ୍କଜଙ୍କ ଦେହ ଥରିଉଠିଲା । ଫୋନ୍‌ଟା ଥୋଇଦେବା ମାତ୍ରେ ଅବନୀ ପଚାରିଲେ – ପ୍ରିନ୍ସିପାଲ୍ କ'ଣ କହିଲେ ?

ପଙ୍କଜ ସରକାରୀ କ୍ଷେତ୍ରରେ ଜଣେ ଦକ୍ଷ ପ୍ରଶାସକ ଥିଲେ ମଧ ପାରିବାରିକ କ୍ଷେତ୍ରରେ ଏତେ ଦୁର୍ବଳ ଥିଲେ ଯେ, ପ୍ରିନ୍ସିପାଲ୍‌ଙ୍କ କଥା ଶୁଣିବାମାତ୍ରେ ତାଙ୍କ ଆଖିରୁ ଝରଝର ହୋଇ ଲୁହ ଝରିଯାଇଥିଲା । ଅବନୀବାବୁଙ୍କୁ ଉ ତ୍ତ ର ଦେବାପାଇଁ ଗୋଟିଏ ଶବ୍ଦ ମଧ ତାଙ୍କ କଣ୍ଠ ଭେଦକରି ବାହାରକୁ ଆସିପାରୁନଥିଲା ।

ଅବନୀ କହିଲେ – ତୁମେ ଜଣେ କ ର୍ତ୍ତ ବ୍ୟପରାୟଣ ଅଫିସର ଭାବେ ରାଜ୍ୟରେ ନାଁ କମାଇଛ । ଜୀବନର ସବୁତକ ସମୟ ଅଫିସ୍ ପାଇଁ ଦେଇଛ । ଶୃଙ୍ଖଳା, କର୍ମନିଷ୍ଠା ତୁମ ଜୀବନର ବ୍ରତ । ଅଥଚ ଏହି ସାମାନ୍ୟ ପାରିବାରିକ ସମସ୍ୟାରେ ଏମିତି ଭାଙ୍ଗିପଡୁଛ ? ହଉ ହେଲା, ଏବେ ମନକୁ ଥଣ୍ଡା କରି ବିଶ୍ରାମ ନିଅ । ମୁଁ ଯାଉଛି, ପୁଣି ସନ୍ଧ୍ୟା ପରେ ଆସିବି ।

ପଙ୍କଜ ବେଡ୍‌ରୁମ୍‌କୁ ଯାଇ ଦେଖିଲେ, ସୁଚିତ୍ରା ତା'ର ସବୁ ଡ୍ରେସ୍, ଶାଢ଼ୀ, ଏପରିକି ଚପଲ କେଇ ହଳ ବି ସାଙ୍ଗରେ ନେଇଯାଇଛି । ଲୁହା ଆଲମିରାଟା ବନ୍ଦ ଥିଲା । ଚାବି ଖୋଜିଲେ, ପାଇଲେ

ନାହିଁ । ପିଅନକୁ କହିଲେ ଆଲମିରାର ଚାବି ଭାଙ୍ଗିଦେବା ପାଇଁ । ଜଟାଧାରୀ ବହୁ ସମୟ ଆଲମିରା ସହିତ ଲାଗି ତାକୁ ଖୋଲିଦେଲା । ଲକ୍‌ରଟା ଖାଲି । ସବୁତକ ସୁନାଗହଣା ନେଇ ଚାଲିଯାଇଛି ସୁଚେତା ।

ପଙ୍କଜଙ୍କ ମୁଣ୍ଡ ଭିତରଟା ଘାଇଁ ଘାଇଁ ହୋଇ ଘୂରିବାକୁ ଲାଗିଲା । ଦେହହାତରୁ ଗମଗମ ହୋଇ ଝାଳ ବୋହିଯାଉଥିଲା । ଥରି ଥରି ସେ ବେଡ୍ ଉପରେ ଶୋଇଗଲେ ।

ପଙ୍କଜ ସିନା ବେଡ୍ ଉପରେ ଶୋଇଗଲେ, ହେଲେ ତାଙ୍କୁ କ'ଣ ନିଦ ହେଲା ! ଟିଭି ପରଦାର ଚିତ୍ର ପରି ଗୋଟିଏ ପରେ ଗୋଟିଏ ଦୃଶ୍ୟ ତାଙ୍କ ଆଖି ସାମନାରେ ଭାସିଉଠିଲା ।

ଦ୍ୱିବିଂଶତମ ବିବାହ ବାର୍ଷିକୀ ସେ ଏଇ କେତେଦିନ ତଳେ ପାଳନ କରିସାରିଛନ୍ତି । ମନେପଡିଯାଉଛି ସୁଚେତାଙ୍କ ସହିତ ତାଙ୍କର ବିବାହ ବେଳର କଥା । ସୁଚେତା ସେତେବେଳେ ଗୃହବିଜ୍ଞାନରେ ଏମ୍.ଏ. ପାସ୍ କରିସାରିଥିଲେ ।

ପଙ୍କଜଙ୍କ ବିବାହ ପାଇଁ କେତେଆଡୁ କେତେ ପ୍ରସ୍ତାବ ଆସୁଥିଲା । ବଡ଼ଭାଉଜ ଓ ସାଙ୍ଗସାଥିମାନେ ତାଙ୍କୁ ବହୁ ଝିଅଙ୍କ ଫଟୋ ଦେଖାଇ ବିବାହ ପାଇଁ ପ୍ରବର୍ତ୍ତାଉଥିଲେ । କିନ୍ତୁ କେଉଁଥିରେ ସେ ସମ୍ମତ ହେଉନଥିଲେ ।

ପଙ୍କଜଙ୍କ ସହପାଠୀ ସୌଭାଗ୍ୟ । ସେ ଭାରତୀୟ 'ବିଦେଶ ସେବା ବିଭାଗ'ର ଜଣେ ଉଚ୍ଚ ପଦସ୍ଥ କର୍ମଚାରୀ । ତାଙ୍କର ଏକମାତ୍ର ଭଉଣୀ ସୁଚିତ୍ରା । ସୌଭାଗ୍ୟଙ୍କ ସହ ତାଙ୍କ ଘରକୁ ସେ କେତେଥର ଯାଇଛନ୍ତି । କଲେଜ ପାଖରେ ସୌଭାଗ୍ୟ ବାପାଙ୍କର କ୍ୱାର୍ଟର ଥିଲା । ପଙ୍କଜ ମେଧାବୀ ଛାତ୍ର ଥିବାରୁ ସୌଭାଗ୍ୟଙ୍କ ଘରେ ତାଙ୍କୁ ଯଥେଷ୍ଟ ଆଦର ମିଳୁଥିଲା । ସୁଚିତ୍ରା ସେତେବେଳେ ମାଟ୍ରିକ୍ ଶେଷ ବର୍ଷର ଛାତ୍ରୀ । ତା'ର ହସ, ଚାହାଣି, ବ୍ୟବହାର ପଙ୍କଜକୁ ମୁଗ୍ଧ କରିଥିଲା ।

ସୌଭାଗ୍ୟ ଓ ପଙ୍କଜଙ୍କର ଆଉ ଜଣେ ସାଙ୍ଗ – ଅବନୀ । ଅବନୀ ଦିନେ କଥାପ୍ରସଙ୍ଗରେ ପଙ୍କଜକୁ କହିଲେ – ତୋ ପାଇଁ ଗୋଟିଏ ଭଲ ପ୍ରସ୍ତାବ ମୋ ପାଖରେ ଅଛି । ତୁ ଶୁଣିଲେ ନିଶ୍ଚୟ ରାଜି ହୋଇଯିବୁ । ଆଉ କେତେଦିନ ଏମିତି ବାଡୁଅ ହୋଇ ବୁଲୁଥିବୁ ? ତୁ ତ ଜାଣୁ, ସୌଭାଗ୍ୟର ଭଉଣୀ ସୁଚିତ୍ରାକୁ । ସେ ହୋମ୍ ସାଇନ୍‌ସରେ ପିଜି କରିଛି । ଫାଷ୍ଟ୍‌କ୍ଲାସ ବି ପାଇଛି । ତୋ ସହ ତା'ର ବିଭାଘର ହୋଇଗଲେ ଭଲ ହୁଅନ୍ତା । ତୁ ଯଦି ରାଜି ହେବୁ, ଏ ପ୍ରସ୍ତାବରେ ଆଗେଇବି । ପଙ୍କଜ କିନ୍ତୁ ସଙ୍ଗେ ସଙ୍ଗେ କୌଣସି ଉତ୍ତର ନ ଦେଇ ଦୁଇଦିନ ମଧ୍ୟରେ ନିଜ ମତାମତ ଜଣାଇବେ କହି ଅବନୀଙ୍କ ପାଖରୁ ବିଦାୟ ନେଲେ ।

ପଙ୍କଜ ତ ବହୁ ପୂର୍ବରୁ ସୁଚିତ୍ରାର ରୂପଗୁଣ ସମ୍ପର୍କରେ ସଚେତନ ଥିଲେ । ପ୍ରସ୍ତାବଟି ମଧ୍ୟ ଅତି ଉତ୍ତମ ଥିଲା । ତାଙ୍କ ଘର ପାଇଁ ସୁଚିତ୍ରା ଉପଯୁକ୍ତ ବୋହୂଟିଏ ହୋଇପାରିବ ବୋଲି ମନ୍ତବ୍ୟ ଦେଇ ସେ ତାଙ୍କ ମା'ଙ୍କୁ ଫୋନ୍‌ରେ ଜଣାଇ ମତାମତ ଲୋଡ଼ିଲେ । ପୁଅର ଯେତେବେଳେ ମନ ମାନିଛି, ମା'ଙ୍କର ବିରୋଧ କରିବାର କିଛି କାରଣ ନଥିଲା । ପ୍ରସ୍ତାବ ଆଗେଇଲା ।

ପଙ୍କଜଙ୍କର ସୁଚେତାଙ୍କ ସହିତ ବାହାଘର ହୋଇଗଲା । ବାହାଘରର କିଛିଦିନ ପରେ ଦିନେ

ସୁଚିତ୍ରା କହିଲା – ତୁମେ ତ ରାଜ୍ୟ ସରକାରଙ୍କର ଏତେବଡ଼ ଅଫିସରଟିଏ ହୋଇଛ । ନିଜ ସ୍ତ୍ରୀକୁ ତୁମ ଅଫିସ୍‌ରେ ହେଉ ବା ଅନ୍ୟ କେଉଁଠି ହେଉ ଚାକିରିଟିଏ କରାଇଦେଇପାରୁନ ? ମୁଁ ଏତେ ପାଠ ପଢ଼ି ଘର କୋଣରେ ବସିରହିବା ତୁମକୁ କ'ଣ ଖରାପ ଲାଗୁ ନାହିଁ ?

ସବୁଦିନେ ଏମିତି ଅଭିଯୋଗ ବାଢ଼ିବସେ ସୁଚିତ୍ରା । ପଙ୍କଜ ଦିନେ ବଡ଼ ସଂକୋଚରେ ତାଙ୍କ ଉପରିସ୍ଥ ଅଫିସରଙ୍କୁ ଏ ସବୁ କଥା ଜଣାଇବାରୁ ସେ କହିଲେ – ଇଏ ଗୋଟାଏ କି ଛାର କଥା ! ଅତି ଶୀଘ୍ର ଆପଣଙ୍କ ସ୍ତ୍ରୀଙ୍କ ପାଇଁ ଆଡହକ୍ ନିଯୁକ୍ତିଟିଏର ବ୍ୟବସ୍ଥା କରାଇଦେବି ।

ସୁଚିତ୍ରା କଲେଜରେ ଆଡହକ୍ ନିଯୁକ୍ତି ପାଇଲା ପରେ ଖୁବ୍ ଉତ୍‌ଫୁଲ୍ଲିତା ହୋଇପଡ଼ିଥିଲା । ଏଣିକି ଜୀବନଟା ଅତ୍ୟନ୍ତ ସୁଖମୟ ହୋଇଉଠିବ ବୋଲି ଭାବିଥିଲେ ପଙ୍କଜ । ପଙ୍କଜଙ୍କ ଜନ୍ମ ନିପଟ ଏକ ମଫସଲରେ – ପାଣି କାଦୁଅଭରା ଧାନବିଲ ପରିପୂର୍ଣ୍ଣ ଅଞ୍ଚଳରେ । ବାପା ତାଙ୍କର ନାମମାତ୍ର ଚାଷୀ । ପଙ୍କଜଙ୍କର ମନେଅଛି, ସେ ଖାଲି ପାଦରେ ପ୍ରାୟତଃ ସ୍କୁଲକୁ ଯାଉଥିଲେ ମାଟ୍ରିକ୍ ପାସ୍ କରିବା ପର୍ଯ୍ୟନ୍ତ । ପ୍ୟାଣ୍ଟ ଶାର୍ଟ ମାତ୍ର ଦୁଇହଳ ଥିଲା ତାଙ୍କର । ସକଳ ସଂଘର୍ଷ ଭିତରେ ତାଙ୍କର ଛାତ୍ରଜୀବନ କଟିଯାଇଥିଲା । ସେହି ସଂଘର୍ଷ ହିଁ ଦେଇଥିଲା ତାଙ୍କୁ ସଫଳତା । ମାଟ୍ରିକ୍‌ରେ ସେ ଦଶଜଣଙ୍କ ଭିତରେ ସ୍ଥାନ ପାଇ ଗୌରବାନ୍ୱିତ କରିଥିଲେ ତାଙ୍କ ସ୍କୁଲ ଓ ଗାଁକୁ । କଠିନ ପରିଶ୍ରମ ଓ ଅଧ୍ୟବସାୟ ତାଙ୍କୁ ପ୍ରଦାନ କରିଥିଲେ ପଦସ୍ଥ ଅଧିକାରୀ ପଦବୀ ।

ବିବାହର କିଛି ବର୍ଷ ପର୍ଯ୍ୟନ୍ତ ସେ ଅଫିସ୍‌ରୁ ଆସିବାମାତ୍ରେ ସୁଚିତ୍ରା ତାଙ୍କୁ ବାହାରୁ ପାଛୋଟି ନେଉଥିଲା ଘର ଭିତରକୁ । ଅଫିସ୍‌ରୁ ଆସିବାରେ ଟିକେ ବିଳମ୍ବ ହେଲେସେ ବାରମ୍ବାର ଫୋନ୍ କରୁଥିଲା । ଥରେ ଥରେ ଷ୍ଟେନୋକୁ ନିର୍ଦ୍ଦେଶ ଦେଉଥିଲା ତାଙ୍କୁ ଶ୍ରୀଘ୍ର ଘରକୁ ପଠାଇ ଦେବାପାଇଁ । ହେଲେ ସେ ସମୟ କେବେଠାରୁ ଅତୀତ ହୋଇଗଲାଣି । ସୁଚିତ୍ରା ଦୁଇଟି ସନ୍ତାନର ଜନନୀ । ପିଲାଦୁଇଟି ସ୍କୁଲକୁ ଯିବା ଆରମ୍ଭ କଲେଣି । ବଡ଼ପୁଅ ସାନପୁଅ ଭିତରେ ବ୍ୟବଧାନ ମାତ୍ର ତିନିବର୍ଷ । ବେଳେବେଳେ ପିଲାଙ୍କୁ ଘରେ ପାଠ ପଢ଼ାଇବା ସମୟରେ ସୁଚିତ୍ରା ଅତ୍ୟନ୍ତ କଠୋର ହୋଇଉଠେ । ସାମାନ୍ୟ ତ୍ରୁଟିରେ ସେମାନଙ୍କୁ ପିଟାପିଟି କରେ । ପିଲାଙ୍କ ବିକଳ କାନ୍ଦଣାରେ ପଙ୍କଜ ବ୍ୟତିବ୍ୟସ୍ତ ହୋଇ ସେମାନଙ୍କ ସପକ୍ଷରେ କିଛି ସମ୍ବେଦନଶୀଳ କଥା କହିଲେ, ସୁଚିତ୍ରା ସଙ୍ଗେ ସଙ୍ଗେ ବିରକ୍ତ ହୋଇଉଠି ପ୍ରତିବାଦ କରେ ।

ଅଫିସ୍ କାମରେ ସଦା ବ୍ୟସ୍ତ ପଙ୍କଜ ବିଭିନ୍ନ ସମୟରେ ସରକାରୀ ଗସ୍ତରେ ରାଜ୍ୟର ଭିନ୍ନ ଭିନ୍ନ ସ୍ଥାନକୁ, ଏପରିକି ରାଜ୍ୟ ବାହାରକୁ ମଧ୍ୟ ଯାଇଥାନ୍ତି । ଥରେ ତାଙ୍କ ବାଲ୍ୟବନ୍ଧୁ ଅନିକେତ ସହ ସେକ୍ରେଟାରିଏଟ୍‌ରେ ଦେଖା ହୋଇଗଲା । ସେ କହିଲା – ଗତମାସ କୋଡ଼ିଏ ତାରିଖରେ ତୋ ମିସେସ୍‌କୁ ଜଣେ ସୁଦର୍ଶନ ବ୍ୟକ୍ତିଙ୍କ ସହ ପୁରୀ ବେଳାଭୂମିରେ ବୁଲୁଥିବାର ଦେଖିଥିଲି । ସେଦିନ ମୋର ଜଣେ ବନ୍ଧୁଙ୍କ ନିର୍ବନ୍ଧରେ ଯୋଗ ଦେବାପାଇଁ ମିସେସ୍‌ଙ୍କ ସହ ପୁରୀ ଯାଇଥିଲି । ସମୁଦ୍ରକୂଳରେ ବୁଲାବୁଲି କରିବା ସମୟରେ ଦୂରରୁ ତାଙ୍କ ଉପରେ ମୋର ନଜର ପଡ଼ିଯାଇଥିଲା । ସେମାନେ ମସଲା ମୁଢ଼ି କିଣୁଥିଲେ ।

ଅନିକେତର ଏପରି ମର୍ମଦାହୀ ବର୍ଣ୍ଣନାରେ

ପଙ୍କଜଙ୍କ ହୃଦୟ ଖଣ୍ଡବିଖଣ୍ଡିତ ହୋଇଯାଇଥିଲେ ମଧ ସେ ଯଥାସମ୍ଭବ ନିଜକୁ ଆୟତ୍ତ ରେ ରଖି କଥାର ପ୍ରସଙ୍ଗ ବଦଳାଇ ଦେଇଥିଲେ ।

ଘରକୁ ଫେରିବା ପରେ ଆଉ ମୁହୂର୍ତ୍ତେ ବି ଶାନ୍ତିରେ ରହିପାରିଲେ ନାହିଁ ପଙ୍କଜ । ସର୍ବଦା ଅନିକେତର କଥା ପ୍ରତିଧ୍ୱନିତ ହେବାରେ ଲାଗିଲା । ସୁଚିତ୍ରା ପ୍ରତି ଘୃଣାରେ ତାଙ୍କ ମନ ଭରିଯାଇଥିଲା । ତାଙ୍କ ଅନୁପସ୍ଥିତର ସୁଯୋଗ ନେଇ ସୁଚିତ୍ରା ଯେ ଧୀରେ ଧୀରେ ସ୍ୱେଚ୍ଛାଚାରିଣୀ ହୋଇଯାଇଛି, ଏଥିରେ ଆଉ ସନ୍ଦେହ ରହିଲା ନାହିଁ । ଅନିକେତ ଯେଉଁ ତାରିଖରେ ସୁଚିତ୍ରାକୁ ବେଳାଭୂମିରେ ଦେଖିଥିଲା, ସେ ତାରିଖରେ ପଙ୍କଜ ଦିଲ୍ଲୀରେ ଥିଲେ ।

ତହିଁ ପରଦିନ ସୁଚିତ୍ରା କଲେଜ ଯାଇଥିବା ସମୟରେ ଘରେ ରୋଷେଇ କରୁଥିବା ପିଅନଟିକୁ ଡାକି ପଙ୍କଜ ପଚାରିଲେ – ମୁଁ ଟୁର୍‌ରେ ଥିବା ସମୟରେ ମାଡାମ୍ ସବୁଦିନେ କଲେଜରୁ ଫେରି ଘରେ ରୁହନ୍ତି ନା ବାହାରକୁ ଚାଲିଯାଆନ୍ତି ?

ପିଅନଟି ଥଥମମ ହୋଇ କହିଲା – ମା' ପ୍ରାୟ ବାହାରକୁ ଯାଇ ଅଧିକ ରାତିରେ ଘରକୁ ଫେରନ୍ତି । ଛୁଟିଦିନମାନଙ୍କରେ ତ ସକାଳୁ ଚାଲିଯାଆନ୍ତି ଯେ, ଫେରୁ ଫେରୁ ରାତି ଅଧ ହୁଏ । ପଙ୍କଜଙ୍କ ମନେପଡ଼ିଗଲା, ଅନେକ ଦିନ ତଳେ ବଡ଼ପୁଅ ବବୁଲୁ ସୁଚିତ୍ରା ବିରୋଧରେ ଏହିସବୁ କଥା କହୁଥିଲା । ସେମାନଙ୍କର ଭଲ ମନ୍ଦ କିଛି ନ ବୁଝି ମା' କିପରି ବହୁ ସମୟ ଧରି ବାହାରକୁ ଚାଲିଯାଉଛନ୍ତି – ସେ ଅଭିଯୋଗ ବାପାଙ୍କ ପାଖରେ କରିଥିଲା । ସେତେବେଳେ ଅବଶ୍ୟ ବବୁଲ କଥାରେ ପଙ୍କଜ କୌଣସି ଗୁରୁତ୍ୱ ଦେଇନଥିଲେ, କିନ୍ତୁ ଏବେ ପିଅନଠାରୁ ସବୁ ଶୁଣିବା ପରେ ଆଉ ଗୁରୁତ୍ୱ ନ ଦେବାର କାରଣ ନଥିଲା ।

ସେଦିନ ରାତିରେ ଶୋଇବା ସମୟରେ ସୁଚିତ୍ରାକୁ ସବୁକଥା ପଚାରିଲେ ପଙ୍କଜ । ପ୍ରଥମେ ତ ସୁଚିତ୍ରା ଫାଙ୍କି ଦେଉଥିଲା ; କିନ୍ତୁ ଅନିକେତ, ପିଅନ ଓ ବବୁଲୁ କଥା ଯେତେବେଳେ ଏକ ହୋଇଯିବାର ପ୍ରମାଣ ମିଳିଲା, ଆଉ ଅସ୍ୱୀକାର କରିପାରିଲା ନାହିଁ । ତେବେ କଥାଟା ଚଳାଇବା ଭଳି କହିଲା – ଏ ସହରରେ ମୋ ବାପଘର ଆଡ଼ର ବହୁ ବନ୍ଧୁବାନ୍ଧବ ଅଛନ୍ତି । ତୁମେ ତ ଟୁର୍‌ରେ ଚାଲିଯାଅ । ମୁଁ ଏକାଟିଆ ରହି ବୋର୍ ହୋଇଯାଉଥିବାରୁ ବନ୍ଧୁମାନଙ୍କ ଘରକୁ ଯାଇ ବୁଲାବୁଲି କରି ଫେରିଆସେ ।

ପଙ୍କଜ ଆଉ ଅଧିକ କିଛି ନ କହି ନିରବ ହୋଇଗଲେ । ହେଲେ ଏଇ ନିରବତା ପାଇଁ ଭବିଷ୍ୟତରେ ତାଙ୍କୁ ବହୁ ମୂଲ୍ୟ ଦେବାକୁ ପଡ଼ିଥିଲା ।

ପ୍ରବାହମାନ ଏକ ନଦୀ ପରି ନାରୀର ଚରିତ୍ର । ଶୃଙ୍ଖଳାର ବାଡ଼ବନ୍ଧ ଭାଙ୍ଗି ସେ ସର୍ବଦା ସ୍ୱାଧୀନତାର ସକଳ ନିର୍ଯ୍ୟାସ ଶୋଷଣ କରିନେବା ପାଇଁ ଚେଷ୍ଟିତ । ନାରୀ ପ୍ରତି ଅଧିକ ସ୍ନେହବଶରୁ ପୁରୁଷର ତ' ପ୍ରତି ଶ୍ରଦ୍ଧାଶୀଳ ମନୋଭାବକୁ ନାରୀ କୃତଜ୍ଞତାର ସହ ଗ୍ରହଣ କରିବା ପରିବର୍ତ୍ତେ ଏହା ପୁରୁଷର କାପୁରୁଷତା ଓ ଭୀରୁତା ଭାବେ ବିଚାର କରି ନିର୍ଭୟରେ ନିଜର ସ୍ୱେଚ୍ଛାଚାରିତାକୁ ବହୁଗୁଣିତ କରିଦେଇଥାଏ । ଆଉ ପୁରୁଷ..... ନାରୀର ସ୍ଖଳନକୁ ଥରକ ପାଇଁ କ୍ଷମା ଦେବା ପରେ ପରବର୍ତ୍ତୀ ସମୟରେ ଯେତେ ଇଚ୍ଛା କଲେ ବି ତାକୁ ଶାସନର ଚଉହଦୀ ମଧ୍ୟରେ ଆବଦ୍ଧ କରି ରଖିପାରେନା ; ବରଂ ସେ ମଣିହରା ଫଣୀ ପରି

ନାରୀ ନିକଟରେ ଆତ୍ମସମର୍ପଣ କରିବା ପାଇଁ ବାଧ ହୁଏ । ତାହାହିଁ ଘଟିଥିଲା ପଙ୍କଜଙ୍କ ଜୀବନରେ ।

ସ୍ୱେଚ୍ଛାଚାରିଣୀ ସୁଚିତ୍ରା ବିରୋଧରେ ସକଳ ପ୍ରମାଣ ପାଇବା ପରେ ବି ତାକୁ କ୍ଷମା ଦେଇ ପଙ୍କଜ ଭାବିଥିଲେ ତାଙ୍କ ଉଦାରତାରେ ସୁଚିତ୍ରା କୃତଜ୍ଞା ହେଇ ନିଶ୍ଚୟ ଉଚିତ ମାର୍ଗକୁ ଫେରିଆସିବ । କିନ୍ତୁ ହେଲା କ'ଣ ? ସୁଚିତ୍ରା କ'ଣ ଫେରିଆସିପାରିଲା ? ବରଂ ଅଧିକ ବେଗବତୀ ହେଲା ତା' ମନର ମୟୁରୀ । ଯେଉଁ ବନ୍ଧୁମାନଙ୍କୁ ସେ ଏକଦା ପଙ୍କଜଙ୍କ ଅଗୋଚରରେ ସାକ୍ଷାତ୍ କରୁଥିଲା, ସେମାନଙ୍କୁ ପ୍ରକାଶ୍ୟରେ ଏଣିକି ନିଜ ଘରକୁ ଆମନ୍ତ୍ରଣ କରି ପଙ୍କଜଙ୍କୁ ସେମାନଙ୍କ ସହିତ ପରିଚୟ କରାଇଦିଏ ।

ସବୁ ବନ୍ଧୁଙ୍କ ମଧ୍ୟରେ ଆଶିଷ ତା'ର ଅତ୍ୟନ୍ତ ଘନିଷ୍ଠ । ଆଶିଷ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ । ସୁଚିତ୍ରାର ଦୁଇଟି ଉପର ବ୍ୟାଚ୍‌ରେ ସେ ପଢୁଥିଲେ ବି କଲେଜ ଡ୍ରାମାରେ ଦୁହେଁ ନାୟକ ନାୟିକା ଭୂମିକାରେ ଅବତୀର୍ଣ୍ଣ ହେବା ଫଳରେ ଉଭୟଙ୍କର ଘନିଷ୍ଠତା ବୃଦ୍ଧି ପାଇଥିଲା । ସୁନ୍ଦର ସ୍ୱାସ୍ଥ୍ୟ ପାଇଁ କଲେଜରେ ବହୁବାର ସେ ପୁରସ୍କୃତ ହୋଇଛନ୍ତି । ପଙ୍କଜବାବୁ କିନ୍ତୁ ସୁଚିତ୍ରା ଓ ଆଶିଷର ଏପରି ଅବାଧ ମିଳାମିଶାକୁ ଆଦୌ ପସନ୍ଦ କରୁନଥିଲେ ।

ସେଥିପ୍ରତି ଭ୍ରୂକ୍ଷେପ ନଥିଲା ସୁଚିତ୍ରାର; ବରଂ ଆଶିଷ ସହିତ ଯେତିକି ଅଧିକ ସେ ମିଶୁଥିଲା, ପଙ୍କଜଙ୍କ ଭଲମନ୍ଦ ପ୍ରତି ଧ୍ୟାନ ଦେବା ଅଭ୍ୟାସଟା ତା'ର ସେତେ କମି କମି ଆସୁଥିଲା । ଛୋଟ ଛୋଟ କଥାରେ ବି ତା'ର ବିରକ୍ତିଭାବ ଅଧିକ ପରିସ୍ଫୁଟ ହୋଇଉଠୁଥିଲା ।

ସୁଚିତ୍ରା ଏଣିକି ଶାଢ଼ି ପିନ୍ଧିବା ଛାଡ଼ି ଡ୍ରେସ୍ ପିନ୍ଧିବା ଆରମ୍ଭ କରିଦେଲାଣି । ଜଣେ ବନ୍ଧୁଙ୍କର ବିବାହ ଉତ୍ସବରେ ଯୋଗ ଦେବାପାଇଁ ସୁଚିତ୍ରା ଜିନ୍‌ସ୍ ଓ ଚିପା ଶାର୍ଟ ପିନ୍ଧି ଗାଡ଼ିରେ ବସିପଡ଼ିଲା । ପଙ୍କଜ ବିରକ୍ତି ପ୍ରକାଶ କରି କହିଲେ– ତୁମେ ଜଣେ ଅଧ୍ୟାପିକା । ବହୁ ଛାତ୍ରଛାତ୍ରୀଙ୍କୁ ଗଢ଼ି ମଣିଷ କରୁଛ । ତା'ଛଡ଼ା ଆମେ ଏକ ପାରିବାରିକ ଉତ୍ସବକୁ ଯାଉଛେ । ଆମ ବନ୍ଧୁବାନ୍ଧବ, ଆତ୍ମୀୟସ୍ୱଜନ ଏହି ଉତ୍ସବକୁ ଆସିଥିବେ । ତୁମେ ଏପରି ପୋଷାକରେ ଗଲେ ସେମାନେ କ'ଣ ଭାବିବେ ? ତେଣୁ ଏ ପୋଷାକ ପରିବର୍ତ୍ତନ କରି ଶାଢ଼ି ପିନ୍ଧି ଆସ ।

ଗାଡ଼ିରୁ ହଠାତ୍ ଓହ୍ଲାଇପଡ଼ି ଅତ୍ୟନ୍ତ କଠୋର ସ୍ୱରରେ ସୁଚିତ୍ରା କହିଲା – ମାଇଁ ଫୁଟ୍ ! ମୋର ସେ ରକ୍ଷଣଶୀଳ ଉତ୍ସବକୁ ଯିବାର ଆବଶ୍ୟକ ନାହିଁ । ତୁମେ ଏକାକୀ ଯାଅ । – କହି କହି ଘର ଭିତରକୁ ଚାଲିଗଲା । ଅଗତ୍ୟା ଏକାକୀ ଯିବାପାଇଁ ବାଧ ହୋଇଥିଲେ ପଙ୍କଜ । ସେଠାରେ ବାପା ବୋଉଙ୍କ ଠାରୁ ଆରମ୍ଭ କରି ସମସ୍ତ ଆତ୍ମୀୟସ୍ୱଜନ ସୁଚିତ୍ରା ନ ଆସିବାର କାରଣ ପଚାରିଥିଲେ । କୌଣସି ଏକ ଆଳ ଦେଖାଇ କଥାଟାକୁ ଏଡ଼ାଇ ଯାଇଥିଲେ ପଙ୍କଜ ।

ସାବିତ୍ରୀ ଦିନର ଘଟଣା ଅତ୍ୟନ୍ତ ବିବ୍ରତ କରିଦେଇଥିଲା ପଙ୍କଜଙ୍କୁ । ବ୍ରତଦିନ ଏକ ମୂଲ୍ୟବାନ୍ ସମ୍ବଲପୁରୀ ପାଟ ସୁଚିତ୍ରାକୁ ଉପହାର ଦେଇ ପଙ୍କଜ ପଚାରିଲେ – ଏ ଶାଢ଼ିଖଣ୍ଡିକ ତୁମ ମନକୁ କେମିତି ପାଉଛି ?

ସୁଚିତ୍ରା ନିସ୍ପୃହ ଚାହାଣିରେ ଚାହିଁ ଉତ୍ତର ଦେଲା – ଏତେ ମୂଲ୍ୟବାନ୍ ଶାଢ଼ି ନ ଆଣି, କମ୍

ଦାମ୍‌ର ଡ୍ରେସ୍‌ଟିଏ ଆଣିଥିଲେ ମୁଁ ଅଧିକ ଖୁସି ହୋଇଥାଆନ୍ତି ।

ପଙ୍କଜ ସେଦିନ ଅଫିସ୍ ଗଲାବେଳେ ଲକ୍ଷ୍ୟ କଲେ ସୁଚିତ୍ରା ମନ ପୂରାଇ ଟିଭି ସିରିଏଲ୍‌ଟିଏ ଦେଖୁଛି ଅଥଚ ସାବିତ୍ରୀ ବ୍ରତ ପାଇଁ ତା'ର ଟିକିଏ ବି ତତ୍ପରତା ନାହିଁ । କିନ୍ତୁ ସେ ଗଲାବେଳେ ରାସ୍ତାରେ ଦେଖିଲେ କେତେ କେତେ ଗୃହିଣୀ ସୁନ୍ଦର ସୁନ୍ଦର ଶାଢ଼ି ପିନ୍ଧି, ପୂଜାଥାଳି ହାତରେ ଧରି ମନ୍ଦିରକୁ ଯାଉଛନ୍ତି । ପଙ୍କଜ ମନକୁ ମନ କହିଲେ – ଯେଉଁ ସଧବା ନାରୀ ଶଙ୍ଖା ସିନ୍ଦୂରକୁ ସମ୍ମାନ ଦେଇ ଜାଣେ ନାହିଁ, ତା'ର ସାବିତ୍ରୀ ବ୍ରତ କରିବାର କି ପ୍ରୟୋଜନ ?

ସୁଚିତ୍ରା ଦୃଷ୍ଟିରେ ପଙ୍କଜ ଯେମିତି ଅପାଙ୍‌କ୍ତେୟ ହୋଇଉଠିଛନ୍ତି । ଥରେ ସେ ଅଫିସ୍ ଯିବାପାଇଁ ତରତର ହେଉଥିବା ବେଳେ ପଚାରିଦେଲେ – ସୁଚିତ୍ରା ! ମୋର ଟାଇଟା କେଉଁଠି ଅଛି, ଦେଖିଛ କି ?

ସୁଚିତ୍ରା ଚିହିଁକି ଉଠି କହିଲା – ମୁଁ କ'ଣ ତୁମର କେୟାର ଟେକର ନା ବଡିଗାର୍ଡ ? ଏଣିକି ତୁମର ପୋଷାକପତ୍ରକୁ ନଜର ଦେବାପାଇଁ ଜଣେ ଲୋକ ନିଯୁକ୍ତ କର ।

ଅପମାନବୋଧରେ ସେଦିନ ପଙ୍କଜଙ୍କ ମୁହଁ ରଙ୍ଗା ପଡ଼ିଯାଇଥିଲା । ସେ ମନେ ମନେ ଭାବୁଥିଲେ, ତିନି ତିନିଟା ମୋବାଇଲ୍ ରଖି ସୁଚିତ୍ରା ବନ୍ଧୁମାନଙ୍କ ସହ କଥାବାର୍ତ୍ତା ହୋଇପାରେ, ଟିଭି ସିରିଏଲ୍ ଭିତରେ ହଜିଯାଇପାରେ, ଅଶିକ୍ଷ ସହ ଘଣ୍ଟା ଘଣ୍ଟା ଧରି ଗଳ୍ପ କରିପାରେ, ଅଥଚ ତାଙ୍କର ସାମାନ୍ୟତମ ଯତ୍ନ ନେବାପାଇଁ ଏତେ କୁଣ୍ଠା !

ସୁଚିତ୍ରାର ବ୍ୟବହାରରେ ଅତିଷ୍ଠ ହୋଇ ଦିନେ ଶ୍ୱଶୁରଙ୍କୁ ଫୋନ୍ ଯୋଗେ ସବୁକଥା ଜଣାଇ ଦେଇଥିଲେ ପଙ୍କଜ । ଶ୍ୱଶୁର କହିଲେ – ତୁମ ବିରୋଧରେ ଝିଅର ମଧ ଅଭିଯୋଗ ଗୁରୁତର । ଅଫିସ୍ କାମ ବାହାନାରେ ତୁମେ ବାହାରେ ଅଧିକ ସମୟ ବିତାଉଛ । ତେଣୁ ସେ ତା'ର ସାଙ୍ଗସାଥି ମେଳରେ ଅଧିକ ସମୟ ଅତିବାହିତ କରିବାରେ ଦୋଷ କେଉଁଠି ରହିଲା ? ଉତ୍ତରରେ ପଙ୍କଜ କହିଲେ – ଯେଉଁ ସ୍ୱାମୀମାନେ ଘରଠାରୁ ଶହ ଶହ କିଲୋମିଟର ଦୂରରେ ଚାକିରି କରୁଛନ୍ତି, ସେମାନଙ୍କର ପତ୍ନୀମାନେ କ'ଣ ନିଜ ଘର ବା ପିଲାଛୁଆଙ୍କ ପ୍ରତି ଧ୍ୟାନ ନ ଦେଇ ଏମିତି ବାହାରେ ବୁଲୁଛନ୍ତି ?

ଦିନକର ଘଟଣା – ୨୦୦୯ ଅଗଷ୍ଟ ପନ୍ଦର ତାରିଖ ରାତି ୧୦ଟା ପର୍ଯ୍ୟନ୍ତ ସୁଚିତ୍ରା ଘରକୁ ଫେରିଲା ନାହିଁ । ଅପେକ୍ଷା କରି କରି ବ୍ୟସ୍ତ ହୋଇପଡ଼ିଲେ ପଙ୍କଜ । ରାତି ପ୍ରାୟ ସାଢ଼େ ଏଗାରଟା ସମୟରେ ସୁଚିତ୍ରା ଘରେ ପହଞ୍ଚିଲା । ପଙ୍କଜ ଧୀର କଣ୍ଠରେ ପଚାରିଲେ – ଆଜି ଏତେ ବିଳମ୍ବ ହେଲା କାହିଁକି ?

ସୁଚିତ୍ରା ଖୁବ୍ ଜୋର୍‌ରେ ଚିତ୍କାର କରିଉଠିଲା – କ'ଣ ହେଲା ସେଥିରୁ ? ତୁମେ ତ ସବୁଦିନେ ଅଧରାତିରେ ଫେରୁଛ ? ମୋର ଦିନେ ଡେରି ହୋଇଗଲା ଯେ, କ'ଣ ମେଦିନୀ ଫାଟିଗଲା ନା ମୋ ବିରହ ସହିନ ପାରି ତୁମେ ପାତାଳରେ ପ୍ରବେଶ କରିଗଲ ?

ଅଗତ୍ୟା ପଙ୍କଜ ଚୁପ୍ ରହିଲେ । ପ୍ରତିବାଦ କଲେ ସୁଚିତ୍ରାର କଣ୍ଠସ୍ୱର ଆହୁରି ତୀବ୍ର ହେବ ।

ପଡ଼ୋଶୀ ପରିବାରମାନଙ୍କର ଶାନ୍ତି ଭଙ୍ଗ ହେବ । ତେଣୁ ସେ ଅଧିକ ଯୁକ୍ତିତର୍କ କରିବାକୁ ଚାହିଁଲେ ନାହିଁ । ସେହିଦିନଠାରୁ ପାରିବାରିକ ଯେତେ ବଡ଼ ଅଘଟଣ ଘଟିଗଲେ ସୁଦ୍ଧା ପଙ୍କଜ ସୁଚିତ୍ରାକୁ କିଛି ପ୍ରଶ୍ନ କରନ୍ତି ନାହିଁ ।

ଆଉଦିନକର କଥା – ରାତି ବାରଟା ଟପିଗଲା ପରେ ଘରକୁ ଫେରିଲା ସୁଚିତ୍ରା । ପାଦ ତା'ର ଟଳମଳ । ଶରୀରର ଭାରସାମ୍ୟ ରକ୍ଷା କରିପାରୁ ନାହିଁ । ମୁହଁରୁ ମଦର ଭଣଭଣ ଗନ୍ଧ ବାହାରୁଛି । ଏରୁଣ୍ଡିବନ୍ଧ ଡେଇଁ ଘର ଭିତରକୁ ପଶି ଆସୁ ଭୂଇଁରେ ଅଜାଡ଼ି ହୋଇପଡୁଥିଲା ସୁଚିତ୍ରା । ବାହୁ ଦେଖାଇ ଅଟକାଇ ଦେଲେ ପଙ୍କଜ । ନିମ୍ନ ସ୍ୱରରେ କହିଲେ – ତୁମେ ଆଜି ମଦ ପିଇଛ ସୁଚିତ୍ରା ? ଆମ ବଂଶର ମର୍ଯ୍ୟାଦା ଏମିତି ତଳେ ପକାଇଦେଲ ? ତୁମକୁ ଯେଉଁମାନେ ରାସ୍ତାରେ ଭେଟିଥିବେ, କ'ଣ ଭାବିଥିବେ ? କ'ଣ ଭାବିବେ ମୋତେ ? ମୋର ସ୍ତ୍ରୀ ହୋଇ ମୋ ସମ୍ମାନ ବି ଟିକେ ରଖିଲ ନାହିଁ ? ଛି ଛି, ଏତେ ତଳକୁ ଖସିଗଲ ? ତୁମ ବାପ-ମା' କ'ଣ ତୁମକୁ ଏଇ ସଂସ୍କାର ଦେଇ ଗଢ଼ିଥିଲେ ?

ଗର୍ଜିଉଠିଲା ସୁଚିତ୍ରା । ମୋ ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବାକୁ ତୁମେ କିଏ ? କ'ଣ ଭାବିଛ କି ମୋତେ? ଯଦି ତୁମର ଇଜ୍ଜତ ଚାଲିଯାଉଛି, ତେବେ ମୋ ଠାରୁ ଆଜି ଏଇ ମୁହୂର୍ତ୍ତରେ ଅଲଗା ହୋଇଯାଅ । ତୁମ ପଛରେ କେବେବି ମୁଁ ଗୋଡ଼ାଇ ଯିବି ନାହିଁ । ତେବେ ଏତିକି ଜାଣିରଖ.... ହିନ୍ଦୁ ବିବାହର ଏ ପଦ୍ଧତି ଉପରେ ମୋର ଆଦୌ ବିଶ୍ୱାସ ନାହିଁ । ପିଞ୍ଜରାବଦ୍ଧ ଜୀବନକୁ ମୁଁ ଘୃଣା କରେ । ଏ ପୃଥିବୀରେ ତୁମର ଯେତିକି ଅଧିକାର ଅଛି, ମୋର ବି ସେତିକି ଅଛି । ଆଇନଗତ ବ୍ୟବସ୍ଥା ମୁଁ ଭଲଭାବରେ ଜାଣିଛି ।

ନିର୍ମମ ବାକ୍ୟବାଣରେ ପଙ୍କଜଙ୍କୁ ପରାହତ କରି ସୁଚିତ୍ରା ବେଡ୍‌ରୁମ୍‌କୁ ଚାଲିଗଲାଣି । ଡ୍ରଇଁରୁମ୍‌ର ଗୋଟିଏ ସୋଫା ଉପରେ ବସିପଡ଼ି ଅସହ୍ୟ ଅପମାନରେ ପିଲାଙ୍କ ପରି କାନ୍ଦିଉଠୁଥିଲେ ପଙ୍କଜ । କାନ୍ଦି କାନ୍ଦି ଭାବୁଥିଲେ– ସୁଚିତ୍ରା ଯେଉଁ ଆଇନଗତ ବ୍ୟବସ୍ଥାର ଧମକ ଦେଇଗଲା, ତାହା କ'ଣ କେବଳ ନାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ? ଦିନ ଥିଲା, ପୁରୁଷ-ପ୍ରଧାନ ସମାଜରେ ନାରୀ ନିର୍ଯ୍ୟାତନା, ନାରୀ ଶୋଷଣ ବଢ଼ି ବଢ଼ି ଚାଲିଥିଲା । ସେଥିଲାଗି ନାରୀକୁ ସୁରକ୍ଷା ଯୋଗାଇ ଦେବାଲାଗି କଠୋର ଆଇନ ପ୍ରଣୟନ ହେଲା । କିନ୍ତୁ ବର୍ତ୍ତମାନ ! ଏବେ ପାଳି ପଡ଼ିଛି ପୁରୁଷର । ନାରୀର ପୁରୁଷ ପ୍ରତି ଅମାନବୀୟ ବ୍ୟବହାର ପାଇଁ କ'ଣ ଅଛି ଆଇନରେ ବ୍ୟବସ୍ଥା ? କିଏ ଶୁଣିବ ନିର୍ଯ୍ୟାତିତ ପୁରୁଷର ଦୁଃଖ-କାହାଣୀ– ସମ୍ବିଧାନ ନା ସଂସଦ, ନା ପ୍ରଶାସନ ? କିଏ ବିଶ୍ୱାସ କରିବ ନିର୍ଯାତିତ ପୁରୁଷର ସତ୍ୟକଥନ ! ସକଳ ଆଇନ ପୁରୁଷ ପାଇଁ ନିରବ ।


ବନ୍ଧୁ ହୃଷୀକେଶ କହୁଥିଲେ – ତାଙ୍କ ଘର ପାଖରେ ଏକ ଛୋଟ ପରିବାର ବାସ କରୁଥିଲେ । ଗତବର୍ଷ ତାଙ୍କ ପୁଅର ବିବାହ ସମ୍ପନ୍ନ ହୋଇଥିଲା । ବିବାହର ମାତ୍ର କେତୋଟି ମାସ ପରେ ନବବଧୂର ଦୁର୍ବ୍ୟବହାରରେ ସେ ପରିବାର ଶାଶୂ, ଶ୍ୱଶୁର, ନଣନ୍ଦ, ଦିଅର ଅତିଷ୍ଠ । ବୋହୂ କଥାକଥାକେ ଧମକ ଦେଉଛି – 'ସାରା ପରିବାରକୁ ପୋଲିସ୍‌ରେ ଦେବି । ସମସ୍ତଙ୍କୁ ଜେଲ୍ ପଠାଇଦେବି' । ଏଥିରେ ଶାଶୂ,

ଶ୍ୱଶୁର ଏପରିକି ସ୍ୱାମୀ ମଧ୍ୟ ଚୁପ୍ । ସେମାନଙ୍କର ଭୟ ଆଇନକୁ... ଭୟ ପୋଲିସ୍‌କୁ.... ଭୟ ଜେଲ୍‌କୁ । ନିରବରେ ନବବଧୂର ଅତ୍ୟାଚାର ସହିବା ବ୍ୟତୀତ ସେମାନଙ୍କର ଅନ୍ୟ ପନ୍ଥା ନାହିଁ ।

ପଙ୍କଜ ଭାବିଲେ, ପ୍ରଥମେ ନିଜ ଆଡୁ କିଛି ଆଇନଗତ ବ୍ୟବସ୍ଥା ଗ୍ରହଣ କରିବା ଉଚିତ ହେବ କି ? ନା ନା, ଏପରି କରିବା ଦ୍ୱାରା କ'ଣ ଭାବିବ ଏ ସମାଜ ତାଙ୍କୁ ? ତାଙ୍କର ଯେଉଁ ପ୍ରତିଷ୍ଠା ଅଛି, ସେଥିରେ କଳଙ୍କ ଲାଗିଯିବ । ନିଜର ବନ୍ଧୁପରିଜନ ଛି-ଛାକର କରିବେ । ବୃଦ୍ଧ ପିତାମାତା ଦୁଃଖରେ ଭାଙ୍ଗିପଡ଼ିବେ । ତେବେ କ'ଣ କରିବେ ସେ ? ସୁଚିତ୍ରାର ଏପରି କୁତ୍ସିତ ସ୍ୱେଚ୍ଛାଚାରିତାକୁ କ'ଣ ଆଜୀବନ ମଥାପାତି ସହିଯିବେ ?

...ଅତୀତର ଗୋଟି ଗୋଟି କଥା ଭାବିଚାଲିଛନ୍ତି ପଙ୍କଜ । ସନ୍ଧ୍ୟା ହେଲାଣି, ତଥାପି ତାଙ୍କର ଭାବନା ଥମି ନାହିଁ । ଏପର୍ଯ୍ୟନ୍ତ ସୁଚିତ୍ରା ସହିତ ତାଙ୍କର ଗଢ଼ିଆସିଥିବା ସମ୍ପର୍କ ଗୋଟି ଗୋଟି ହୋଇ ଚଳଚିତ୍ର ପରି ଭାସିଯାଉଛି ତାଙ୍କ ଆଖି ସମ୍ନାରେ । ନିରାଶର ଦରିଆରେ ଅସହାୟ ଜୀବନର ପୋତଟି ଭାସିଚାଲିଛି ଲକ୍ଷ୍ୟହୀନ ଭାବରେ । ବତିଖୁଣ୍ଟ ଦେଖାଯିବାର ଆଉ ସମ୍ଭାବନା ନାହିଁ ।

ଏତିକିବେଳେ ଆସି ପହଞ୍ଚିଯାଇଛନ୍ତି ବନ୍ଧୁ ଅବନୀ । ପଙ୍କଜଙ୍କର ଏପରି ଦୟନୀୟ ଅବସ୍ଥାକୁ ଲକ୍ଷ୍ୟ କରି ସାନ୍ତ୍ୱନାଭରା ସ୍ୱରରେ କହିଲେ – କେବଳ ଭାବିଚାଲିଲେ କ'ଣ ସବୁ ସମସ୍ୟାର ସମାଧାନ ହୋଇଯିବ ? ତୁମର ଏତେ ଶିକ୍ଷାଦୀକ୍ଷା ଥାଇ ବି କାହିଁକି ଏମିତି ବାତାଳଙ୍କ ପରି ହେଉଛ ? ଏପର୍ଯ୍ୟନ୍ତ ଥାନାରେ ଖବର ନ ଦେଇ କ'ଣ ଠିକ୍ କରିଛ ? ନା, ଆଉ ଅପେକ୍ଷା କରିହେବ ନାହିଁ । ଚାଲ, ଅନ୍ତତଃ ଏଫ୍.ଆଇ.ଆର୍.ଟା ଦେଇଆସିବା । ନ



ହେଲେ .... ଜାଣିଛନା, ସୁଚିତ୍ରା ଯେପରି ଧୂର୍ତ୍ତ।... ସେ ଯଦି ପ୍ରଥମେ ତୁମ ନାଁରେ ଏଫ୍.ଆଇ.ଆର୍ ଦେଇଦିଏ, ତୁମର ଅବସ୍ଥା କ'ଣ ହେବ ବୁଝିପାରୁଛ ? ନେଡ଼ଗୁଡ଼ କହୁଣୀକୁ ବହାଇଦେଇ ଯେତେ କାନ୍ଦିଲେ ବି କେହି ଶୁଣିବେ ନାହିଁ ।


ପଙ୍କଜ କ'ଣ କରିବେ, କ'ଣ ନ କରିବେ କିଛି ଭାବିଚିନ୍ତି ଠିକ୍ କରି ପାରିଲେ ନାହିଁ । ସାରାଜୀବନ ଏକାଠି ବିତାଇବା ପାଇଁ ଅଗ୍ନିକୁ ସାକ୍ଷୀ ରଖି ପଣ କରିଥିବା ନାରୀଟି ବିରୋଧରେ କ'ଣ ସେ ଥାନାକୁ ଯିବେ ? ଏପରି ଅନ୍ୟାୟକୁ ଧର୍ମ କ'ଣ ସହିବ ? ନା ନା, ସେ ଏହା କଦାପି କରିପାରିବେ ନାହିଁ । ସୁଚିତ୍ରା ବିରୋଧରେ ସେ କୌଣସି ଅଭିଯୋଗ ଥାନାରେ କରିବେ ନାହିଁ ।

ଅବନୀ କହିଲେ – କ'ଣ ଆଉ ଏତେ ଭାବୁଛ ? ଭାବିଲେ କିଛି ଲାଭ ହେବ ନାହିଁ, ବରଂ ଅଧିକ କ୍ଷତି ସହିବ । ପ୍ରାକ୍ଟିକାଲ ହେବାକୁ ଚେଷ୍ଟା କର । ଯଦି ଏବେହୁଁ ସତର୍କ ନ ହେବ, ସୁଚିତ୍ରାର ଚକ୍ରାନ୍ତରେ ଦିନେ ଅଣନିଶ୍ୱାସୀ ହୋଇପଡିବ । ସେ ତୁମକୁ ଯେକୌଣସି ମୁହୂର୍ତ୍ତରେ ଆଇନ ଜାଲରେ ଛନ୍ଦିଦେବ ।

ପଙ୍କଜ ତଳକୁ ମୁହଁ ପୋତି କହିଲେ – ଏତେ ଦିନ ତ ସହିଲିଣି... ଏତେ ଧୈର୍ଯ୍ୟ ତ ଧରିଲିଣି.... ଆଉ କେଇଟା ଦିନ କ'ଣ ସୁଚିତ୍ରାର ଲେଉଟାଣି ବାଟକୁ ଚାହିଁ ଅପେକ୍ଷା କରିପାରିବି ନାହିଁ ? ମୋର ମନ କହୁଛି,ସେ ତା'ର ଭୁଲ ବୁଝିପାରି ନିଶ୍ଚୟ ଫେରିଆସିବ ।

ଅବନୀ ଆଉ ଅଧିକ କିଛି ନ କହି ଏକଲୟରେ ଚାହିଁରହିଥିଲେ ଏଇ ସରଳ ବିଶ୍ୱାସୀ ନିରୀହ ମଣିଷଟିର ମୁହଁକୁ ।

ସଭାପତି, ଉତ୍କଳ ସାହିତ୍ୟ ସମାଜ
ରାମଚନ୍ଦ୍ର ଭବନ, କଟକ





Admission Open
What it takes to become an achiever ?
Join ROUT CLASSES Today
+2 Sc. I CBSE (XI & XII) I JEE (Main & Adv.)
NEET I AIIMS I JIPMER I BHU
KVPY I NTSE I OLYMPIAD I NISER I IISER
Be an Achiever
R. S. TUTORIALS
SURYALOKA LANE, CHANDI CHHAK, CUTTACK
Admission Open ! Admission Open !
A Complete Coaching for
+2 Arts & Commerce
+3 Arts (Hons, Elective, Pass)
Special Coaching for : Spoken English
And also M. A. Entrance (Pol. Science)
Contact : 9861462581, 9861816123
Arunodaya Nagar, Sector-6, CDA (CTC)
94384 09975
routclasses@gmail.com
www.routclasses.com
ROUT CLASSES
Blooming the Hidden Treasure

# ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'